ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.165 Bhubaneswar Wednesday Auguest 17 2022 | ୨୫ତମ ବର୍ଷ ସଂଖ୍ୟା-୧୬୫ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## ରାଜପଥରେ ଭୁଶୁଡ଼ିଲା ବ୍ରିଜ୍: ଅଳ୍ପକେ ବର୍ତ୍ତିଲା ଆମ୍ବୁଲାନ୍ସ, ଗ୍ୟାସ୍ ବୋଝେଇ ଟ୍ରକ୍

କୋରାପୁଟ ,୧୬।୮(ପି.ଏନ): ରାଜ୍ୟ ରାଜପଥରେ ଭୁଶୁଡ଼ିଲା ବ୍ରିଜ୍। ଅଳ୍ପକେ ବର୍ତ୍ତି ଗଲା ଆମ୍ବୁଲାନ୍ସରେ ଯାଉଥିବା ରୋଗୀଙ୍କ ଜୀବନ ଓ ଗ୍ୟାସ୍ ବୋଝେଇ ଟ୍ରକ୍। ଆଜି ଅପରାହ୍ନରେ ଏପରି ଘଟଣା କୋରାପୁଟ୍ ଜିଲ୍ଲାରେ ଘଟିଛି। ବ୍ରିଜ୍ ଭୁଶୁଡ଼ିବା ପରେ କୋରାପୁଟ୍‌ରୁ ରାୟଗଡାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୋରାପୁଟ- ରାୟଗଡା ଦେଇ ଯାଇଛି ୩୨୬ ନମ୍ବର ରାଜ୍ୟ ରାଜପଥ। ଏହି ରାଜପଥର ବଙ୍ଗଳା ଗୁଡା ଓ ଲେନ୍ଦିରି ମାଲିଗୁଡ଼ା ମଝିରେ ରହିଛି ଗୋଟିଏ ପୁରୁଣା ବ୍ରିଜ। ୫୦ ବର୍ଷ ତଳେ ସେହି ବ୍ରିଜ୍‌ଟି ନିର୍ମାଣ ହୋଇଥିଲା। ଦୁଇଟି ପିଲର ଉପରେ ଛିଡା ହୋଇଥିବା ସେହି ପୁରୁଣା ବ୍ରିଜ୍‌ଟି ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଭାଙ୍ଗି ଯାଇଛି।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗୋଟିଏ ଗ୍ୟାସ ବୋଝେଇ ଟ୍ରକ୍ ଓ ଆମ୍ବୁଲାନ୍ସ କଲା ପରେ ବ୍ରିଜ୍‌ଟି ଭୁଶୁଡି ପଡିଛି। ହେଲେ ଅଳ୍ପକେ ବର୍ତ୍ତିଗଲେ ଆମ୍ବୁଲାନ୍ସରେ ଯାଉଥିବା ରୋଗୀ ଓ ଗ୍ୟାସ୍ ବୋଝେଇ ଟ୍ରକ୍ ଚାଳକ ଏବଂ ହେଲ୍‌ପର। ୬୦ ଫୁଟର ବ୍ରିଜ୍‌ଟି ହଠାତ୍ ୨୦ ଫୁଟ ତଳକୁ ଭୁଶୁଡି ଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।



## ଅପଦସ୍ତ ହେବା ପରେ ୪ ଜଣଙ୍କୁ ବାନ୍ଧିଲା ପୁଲିସ୍ ! ଏବେବି ମୁଖ୍ୟ ଅଭିଯୁକ୍ତ ଫେରାର୍

ପାଟଣାଗଡ,୧୬।୮(ପି.ଏନ): ଅପଦସ୍ତ ହେବା ପରେ ଚେଇଁ ଉଠିଲା ପାଟଣାଗଡ ଥାନା ପୁଲିସ୍! ଅମୃତ କଳସ ସୁନା ଦୋକାନ ଲୁଟ୍ ମାମଲାରେ ୪ ଜଣଙ୍କୁ ଗିରଫ କରିଛି। ହେଲେ ଏପର୍ଯ୍ୟନ୍ତ ଲୁଟ୍‌ର ମାଷ୍ଟର ମାଇଁଣ୍ଡଙ୍କ ସମେତ ଆଉ ୪ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କ ପାଖରେ ପହଞ୍ଚି ପାରିନି ପୁଲିସ୍।ଅଗଷ୍ଟ ୫ ତାରିଖ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରରେ ଥିବା ଅମୃତ କଳସ ସୁନା ଦୋକାନରୁ ଲୁଟ୍ ? ହୋଇଥିଲା। ଦିନ ଦି'ପହରରେ ୬ ଜଣ ଡକାୟତ ଗହଣା ଦୋକାନରେ ପଶି ମାଲିକ ମୁକେଶ ଜୈନଙ୍କୁ ଗନ୍ ପଏଣ୍ଟରେ ରଖି ପାଖାପାଖି ଦୁଇ କେଜି ସୁନା ଓ ୪୦ ହଜାର ଟଙ୍କା ଲୁଟି ନେଇଥିଲେ। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ପାଟଣାଗଡ ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଗହଣା ଦୋକାନରୁ ଲୁଟିନେଲେ ଡକାୟତ। ହେଲେ ପୁଲିସ ସେମାନଙ୍କ ପତ୍ତା ପାଉନଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।ପାଟଣାଗଡ଼ ପୁଲିସ୍‌ର ଢ଼ିଲା ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ବିରୋଧରେ ବିଭିନ୍ନ ସଙ୍ଗଠନ ବଲାଙ୍ଗିର ଏସ୍‌ପି, ପୁଲିସ୍ ଡିଜି ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯାହାକୁ ନେଇ ସାଧାରଣରେ ସମାଲୋଚନାର ଶିକାର ହୋଇଥିଲା ପୁଲିସ୍। ଅପଦସ୍ତ ହେବା ପରେ ପୁଲିସ୍ ଚାପରେ ଆସି ବିଭିନ୍ନ ସ୍ଥାନରେ ଚଢଉ କରି ୪ ଡକାୟତଙ୍କୁ ଗିରଫ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ସହ ୪ ଜଣ ଏବେ ସୁଦ୍ଧା ଫେରାର ଅଛନ୍ତି। ସେମାନେ ବାହାର ରାଜ୍ୟର ହୋଇଥିବା ପୁଲିସ କହିଛି।ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପାଟଣାଗଡ଼ ସମଲେଶ୍ୱର ଗାଁର ଶେଷଦେବ ବଗର୍ତ୍ତି, ରାମପୁରର ଆଓ୍ୱାଜ ମେହେର, ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳର ଚନ୍ଦ୍ର ଓରଫ ଚନ୍ଦ୍ରମଣି ମେହେର ଓ ସୁବର୍ଣ୍ଣପୁର ଜିଲ୍ଲା ଖୁଟପାଲି ଗ୍ରାମର ଅଲେଖ ବଢେଇ। ପୁଲିସ୍ ସେମାନଙ୍କଠାରୁ ନଗଦ ୪୨ ହଜାର ୫୦୦ ଟଙ୍କା, ଡକାୟତିରେ ବ୍ୟବହୃତ ଦେଶୀ ବନ୍ଧୁକ, ଦୁଇଟି ୮ ଏମ୍‌ଏମ୍ ଜୀବନ୍ତ ଗୁଳି, ପଲସର ବାଇକ ଓ ଗହଣା ଦୋକାନୀଙ୍କଠାରୁ ଲୁଟି ନେଇଥିବା ସ୍ୟାମସଙ୍ଗ ମୋବାଇଲ ଫୋନ୍ ଜବତ କରିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପାଟଣାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା ସୂଚନା ଦେଇଛନ୍ତି।



## ହୀରାକୁଦରୁ ୪୦ ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି

ଭୁବନେଶ୍ୱର, ୧୬।୮(ପି.ଏନ): ମଙ୍ଗଳବାର ଦିନ ପର୍ଯ୍ୟାୟକ୍ରମେ ହୀରାକୁଦ ଡ୍ୟାମ୍ ର ୧୪ ଟି ଗେଟ୍ ଖୋଲାଯାଇଛି। ବର୍ତମାନ ହୀରାକୁଦ ଜଳଭଣ୍ଡାରରୁ ଏବେ ୪୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଥିବାରୁ ମହାନଦୀରେ ବନ୍ୟାଜଳସ୍ତର ବଢ଼ିବା ଆଶଙ୍କା ରହିଛି। ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ଥିବା ବେଳେ ଏବେ ଏଠାରେ ୬୨୬.୯୧ ଫୁଟ ଜଳ ରହିଛି। ଜଳଭଣ୍ଡାରକୁ ଏବେ ସେକେଣ୍ଡ ପିଛା ୬,୯୧,୯୫୦ କ୍ୟୁସେକ ଜଳ ପ୍ରବେଶ କରୁଛି। ଅପରପକ୍ଷେ ୬,୧୦,୦୦୩ କୁସେକ ଜଳ ନିଷ୍କାସନ କରାଯାଉଛି।ଗତକାଲି ସୁଦ୍ଧା ହୀରାକୁଦର ୨୬ ଟି ଗେଟ୍ ଖୋଲା ରହିଥିଲା। ଜଳ ସ୍ତର ବୃଦ୍ଧି ପାଉଥିବାରୁ ମଙ୍ଗଳବାର ଅପରାହ୍ନରେ ଅଧିକ ଗେଟ୍ ଖୋଲିବାକୁ ନିଷ୍ପତି ହୋଇଥିଲା। ପ୍ରଥମେ ୫ ଟି , ଦ୍ୱିତୀୟ ଥରରେ ୫ଟି ଏବଂ ତୃତୀୟ ଥରରେ ୪ ଟି ଗେଟ୍ ଖୋଲାଯାଇଥିଲା। ଅପରପକ୍ଷରେ ହୀରାକୁଦର ୪୦ ଗେଟ୍ ଖୋଲିବାକୁ ନିଷ୍ପତି ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ବିଜୟ ମିଶ୍ର କହିଛନ୍ତି ସ୍ଥିତି ଦେଖି ନିଷ୍ପତି ନିଆଯାଉଛି। ଟେକ୍‌ନିକାଲ କମିଟି ସହ ସ୍ଥିତି ସମ୍ପର୍କରେ କଥା ହୋଇ ନିଷ୍ପତି ନେଇଛୁ। ୪୦ ଗେଟ୍ ଖୋଲିବା ନିଷ୍ପତିରେ ଛତିଶଗଡ଼ର କିଛି ଭୂମିକା ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା

ଭୁବନେଶ୍ୱର, ୧୬।୮(ପି.ଏନ):ସବୁ ପ୍ରକାର ବିପର୍ଯ୍ୟୟରେ ଆମର ନୀତି ହେଉଛି 'ସବୁ ଜୀବନ ମୂଲ୍ୟବାନ'। ତେଣୁ ଯେପରି କୌଣସି ଗୋଟିଏ ବି ଜୀବନ ହାନୀ ନ ହୁଏ, ଏବଂ ସାଧାରଣ ଜୀବନଯାତ୍ରାରେ କୌଣସି ବ୍ୟାପକ ଅସୁବିଧା ସୃଷ୍ଟି ନ ହୁଏ, ତାକୁ ସୁନିଶ୍ଚିତ କର। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ବନ୍ୟା ପରିସ୍ଥିତି ସମୀକ୍ଷା କରି ଅଧିକାରୀ ମାନଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଦେଇଛନ୍ତି ।ପରିସ୍ଥିତି ସଂପର୍କରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନର ନିୟମିତ ଭାବେ ସମୀକ୍ଷା କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ କ୍ରମାଗତ ଭାବେ ବର୍ଷା ଲାଗି ରହିଥିବାରୁ ମହାନଦୀ ଅବବାହିକା ଅଂଚଳର ୧୦ଟି ଜିଲ୍ଲାରେ ବନ୍ୟା ହେବାର ସମ୍ଭାବନା ଦେଖାଦେଇଛି । ତେଣୁ ଏହି ୧୦ଟି ଜିଲ୍ଲାର ଜିଲ୍ଲାପାଳ ମାନେ ସତର୍କ ରହିବା ସହିତ ବନ୍ୟା ପରିସ୍ଥିତିକୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବିପଦସଂକୁଳ ଅଂଚଳରେ ଥିବା ଲୋକମାନଙ୍କୁ ପ୍ରାଥମିକତା ଭିତ୍ତିରେ ସ୍ଥାନାନ୍ତର କରି ସେମାନଙ୍କୁ ଆବଶ୍ୟକ ରିଲିଫ ଓ ମୌଳିକ ସୁବିଧା ଯୋଗାଇ ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟସ୍ତରରେ ସଂପୃକ୍ତ ବିଭାଗମାନେ ଜିଲ୍ଲାଗୁଡିକୁ ସମସ୍ତ ପ୍ରକାର ସାହାଯ୍ୟ ତୁରନ୍ତ ଯୋଗାଇ ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି ।ବିଭିନ୍ନ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇ ଏନଡିଆରଏଫ, ଓଡ୍ରାଫ ଫାୟାର ସର୍ଭିସ ୟୁନିଟ ଗୁଡିକୁ ବିଭିନ୍ନ ବିପଦସଂକୁଳ ସ୍ଥାନଗୁଡିକରେ ସଜାଗ ରଖି ଆବଶ୍ୟକସ୍ଥଳେ ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ହସ୍‌ପିଟାଲ, ଜଳଯୋଗାଣ ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ପରି ଜୀବନ ରକ୍ଷାକାରୀ ସଂସ୍ଥା ଗୁଡିକ ନିରବଚ୍ଛିନ୍ନ ଭାବରେ ସେବା ଯୋଗାଇ ଦେବା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଗ୍ରାମାଂଚଳରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ବିଭାଗ ପ୍ରଭାବିତ ଅଂଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।ସେପିପରି ପ୍ରାଣୀଧନର ସୁରକ୍ଷା ପାଇଁ ମତ୍ସ୍ୟ ଓ ପଶୁସଂପଦ ବିଭାଗ ଆବଶ୍ୟକ ସେବା ଯୋଗାଇ ଦେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି ।ରାସ୍ତାଘାଟର କ୍ଷତି ହୋଇ ଯଦି ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୁଏ, ତେବେ ଇଂଜିନିୟରିଂ ବିଭାଗ ଗୁଡିକ ସେଗୁଡିକର ତୁରନ୍ତ ମରାମତି ପାଇଁ ଆଗୁଆ ବ୍ୟବସ୍ଥା କରିବା ଆବଶ୍ୟକ । ସେହିପରି ଶକ୍ତି ବିଭାଗ ମଧ ବିଦ୍ୟାତ ଯୋଗାଯୋଗ ବ୍ୟାହତ କ୍ଷେତ୍ରରେ ତୁରନ୍ତ ପୁନଃ ସଂଯୋଗ ପାଇଁ ଆଗୁଆ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି ।ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ପି.କେ ଜେନା ପରିସ୍ଥିତି, ପ୍ରସ୍ତୁତି ଓ ପଦକ୍ଷେପ ସଂପର୍କରେ ଉପସ୍ଥାପନା ରଖି କହିଲେ ଯେ ମହାନଦୀର ଉପର ଓ ତଳମୁଣ୍ଡରେ ବର୍ଷା ହୋଇ ୧୦ଟି ଜିଲ୍ଲାରେ ବନ୍ୟା ପରିସ୍ଥିତିର ସମ୍ଭାବନା ଦେଖାଦେଇଛି। ଗତକାଲି ହୀରାକୁଦର ୮ଟି ଗେଟ୍ ବନ୍ଦ କରାଯାଇଛି ଏବଂ ବର୍ତ୍ତମାନ ୨୬ଟି ଗେଟ୍ ଖୋଲା ରହିଛି । କୌଣସି ଅବଶ୍ୟକ ନ ହେଲେ, ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ। ଏହାଦ୍ୱାରା ହୀରାକୁଦର ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିର ପ୍ରଭାବ ସାମାନ୍ୟ କମିଛି । ୭ଟି ଜିଲ୍ଲାରେ ୯ଟି ଓଡ୍ରାଫ, ୬ଟି ଜିଲ୍ଲାରେ ୯ଟି ଏନଡିଆରଏଫ ଟିମ୍, ୪୪ଟି ଅଗ୍ନିଶମ ସେବା ୟୁନିଟ୍‌କୁ ସଜାଗ ରଖାଯାଇଛି । ଆଜି ମହାନଦୀର ମୁଣ୍ଡଳୀ ଠାରେ ୧୧.୭୫ ଲକ୍ଷ କ୍ୟୁସେକ ଜଳ ପ୍ରଭାବିତ ହେବ ବୋଲି ସେ ସୂଚନା ଦେଇଥିଲେ ।ସବୁ ଜିଲ୍ଲା ପ୍ରଶାସନକୁ ହାଇ ଆଲର୍ଟରେ ରଖାଯାଇଛି । ୧୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବଶ୍ୟକ ହେଲେ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ସେଥିପାଇଁ ପଂଚାୟତରାଜ ଅନୁଷ୍ଠାନ ଗୁଡିକର ସହାୟତା ନେବା ପାଇଁ ମଧ ପରାମର୍ଶ ଦିଆଯାଇଛି । ଏହାସହିତ ନଦୀବନ୍ଧ ଗୁଡିକ ଉପରେ ନଜର ରଖିବା ଏବଂ ପ୍ରଭାବିତ ଅଂଚଳରେ ଆବଶ୍ୟସ୍ଥଳେ ଶିକ୍ଷାନୁଷ୍ଠାନ ଗୁଡିକୁ ବନ୍ଦ ରଖିବା ପାଇଁ ମଧ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ସମ୍ବଲପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ସିଏମସି କମିଶନର ଙ୍କ ସହିତ ପରିସ୍ଥିତି ସଂପର୍କରେ ଆଲୋଚନା କରିଥିଲେ । ବର୍ତ୍ତମାନ ସୁଦ୍ଧା ପରିସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ଏବଂ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବରେ ସଜାଗ ରହି ପରିସ୍ଥିତି ଉପରେ ନଜର ରଖିଛି । କେତେକ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତରିତ ମଧ କରାଯାଉଛି ବୋଲି ଜିଲ୍ଲାପାଳମାନେ ସୂଚନା ଦେଇଥିଲେ ।ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ସଚିବ ଏବଂ ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ ।

## ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ଅନ୍ୟାନ୍ୟ ପ୍ରକଳ୍ପର ସମୀକ୍ଷା କଲେ ନରସିଂହ

ବଲାଙ୍ଗିର, ୧୬।୮(ପି.ଏନ): ଆଜି ପୂର୍ବାହ୍ନ୧୦ଟା ୩୦ମି. ସମୟରେ ବିଧାୟକ ନରସିଂହ ମିଶ୍ର ସ୍ଥାନୀୟ ସର୍କିଟ ହାଉସ ଠାରେ ବଲାଙ୍ଗିର ନିର୍ମାଣଧିନ ଭୀମଭୋଇ ମେଡିକାଲ କଲେଜ ସ୍ଥିତ ୬୫୦ ଶଜ୍ୟା ବିଶିଷ୍ଟ ନିର୍ମାଣଧିନ ଡାକ୍ତରଖାନା ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ ବିଭାଗ, କ୍ଷୁଦ୍ର ଜଳସେଚନ, ଜଳସେଚନ, ଜନସ୍ୱାସ୍ଥ୍ୟ ବିଭାଗ ତଥା ଜାତୀୟ ରାଜପଥ ବିଭାଗର ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନଙ୍କ ସହିତ ନିର୍ବାଚନ ମଣ୍ଡଳିରେ ଚାଲିଥିବା ସମସ୍ତ ପ୍ରକଳ୍ପମାନ ସମୀକ୍ଷା କରିଥିଲେ। ଭୀମଭୋଇ ମେଡିକାଲ କଲେଜ ପରିସରରେ ନିର୍ମାଣଧିନ ୬୫୦ ଶଜ୍ୟା ବିଶିଷ୍ଟ ଡାକ୍ତରଖାନା ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେବା ଆଶଙ୍କା କରି ବିଧାୟକ ଶ୍ରୀ ମିଶ୍ର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାର କାରଣ ପଚାରିଥିଲେ । ନିର୍ମାଣ ପାଇଁ ପରିବର୍ତିତ ପରିସ୍ଥିତିରେ ନୂଆ କିଛି ସୁବିଧା ସୁଯୋଗ ଯୋଡା ଯାଉଥିବାରୁ ପ୍ରକଳ୍ପର ନକ୍ସା ସମୟ ସମୟରେ ପରିବର୍ତନ ହେଉଛି । ତେଣୁ ସେ ନକ୍ସାର ମଞ୍ଜୁରି ପାଇଁ ଅଧିକ ସମୟ ଲାଗୁ ଥିବାରୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ନ ସରିବାର ଆଶଙ୍କା କରାଯାଉଛି ବୋଲି ପୁର୍ତ ନିର୍ବାହୀଯନ୍ତ୍ରୀ ଉତର ରଖିଥିଲେ । ପ୍ରକଳ୍ପ ବିଳମ୍ବ ଏବଂ ନିର୍ମାଣକାରୀ ସଂସ୍ଥାକୁ ଅଧିକ ସମୟ କାହିଁକି ଦିଆଯିବ, ଏହା ଉପରେ ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ସହରରେ ଥିବା ରିଂଗ ରୋଡ, ବାଏପାସ ଟେଣ୍ଡରକୁ ନେଇ ଆଲୋଚନା ହୋଇଥିଲା । ଡିସେମ୍ବର ସୁଦ୍ଧା ବାକିଥିବା ରିଂଗ ରୋଡ ସମ୍ପୂର୍ଣ୍ଣ ହେବ ଏବଂ ରାଜ୍ୟ ଷ୍ଟେଟ ବାଇପାସ ପାଇଁ ବ୍ୟୟ ଅଟକଳ ସହ ଟେଣ୍ଡର ପ୍ରକ୍ରିୟା ଶିଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ।ଏହି ଆଲୋଚନା ବେଳେ ସହର ମଧ୍ୟରେ ଥିବା ବିଭିନ୍ନ ରାସ୍ତାଘାଟ ଓ ଡ୍ରେନ ମରାମତି ତଥା ବିପଦସଂକୁଳ ଅବସ୍ଥାରେ ଥିବା ଦେଓଗାଁ ବଂଗଳା ଛକରୁ ଜବରଦଖଲ ଉଚ୍ଛେଦ ଛତାମଖନା କିରାବାହାଲ ସେତୁ ପାଖରେ ବାକିଥିବା ଜମି ଅଧିଗ୍ରହଣକୁ ନେଇ ମଧ ଆଲୋଚନା ହୋଇଥିଲା । ଏହି ସମୀକ୍ଷାରେ କ୍ଷୁଦ୍ର ଜଳସେଚନ ଅନ୍ତର୍ଗତ ଗନ୍ଧରେଳ ଡ୍ୟାମ, ଜଳସେଚନ ବିଭାଗ ଅଧିନରେ ଥିବା ଲକ୍ଷ୍ମୀଯୋର ସମେତ ଛତାମଖନା କିରାବାହାଲ ବ୍ୟାରେଜ ନିର୍ମାଣ ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା । ପରେ ପରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀମାନଙ୍କୁ ପାନୀୟ ଜଳ ସମସ୍ୟାକୁ ନେଇ ବିଧାୟକ ଶ୍ରୀ ମିଶ୍ର ଆଲୋଚନା କରିବା ସହ ପାନୀୟ ଜଳର ସ୍ଥିତି ସହର ମଧ୍ୟରେ ଥିବା ଜଳାଶୟମାନଙ୍କର ପାଣିର ଅବସ୍ଥାକୁ ନେଇ ଏକ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ।

## ୧୯ରେ ଲଘୁଚାପ , ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୬।୮(ପି.ଏନ): ୧୯ ଅଗଷ୍ଟ ବେଳକୁ ଉତର ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପ୍ରଭାବରେ ଅଗଷ୍ଟ ୧୮ରୁ ରାଜ୍ୟରେ ପୁଣି ବର୍ଷାର ପରିମାଣ ବଢ଼ିବ। ଅଗଷ୍ଟ ୧୯ ଏବଂ ୨୦ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟରେ ବଡ଼ ବର୍ଷାର ସମ୍ଭାବନା ନାହିଁ। ୧୮ ତାରିଖରୁ ବର୍ଷାର ପରିମାଣ ବଢିବ। ଏହି ଦିନ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର , ଭଦ୍ରକ , କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୯ ଓ ୨୦ ତାରିଖରେ ମଧ୍ୟ ଅଧିକ ବର୍ଷା ସମ୍ଭାବନା ଥିବାରୁ ବିଭିନ୍ନ ଜିଲ୍ଲାଗୁଡିକୁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ।

## ବନ୍ୟା ପରିସ୍ଥିତି : ୧୦ ଜିଲ୍ଲାର ସବୁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୧୬।୮(ପି.ଏନ): ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ଟି ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ସପ୍ତାହକ ପାଇଁ ବାତିଲ କରିଛନ୍ତି । ଯେଉଁ କର୍ମଚାରୀମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ କାହାରିକୁଁ ଛୁଟିରେ ଯିବାକୁ ଅନୁମତି ମିଳିବ ନାହିଁ । ହୀରାକୁଦର ୪୦ଟି ଗେଟ୍ ଖୋଲିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ ନଦୀଗୁଡିକ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି ।ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସୂଚନା ଅନୁସାରେ, କଟକର ମୁଣ୍ଡଳୀଠାରେ ଏବେ ପ୍ରାୟ ୧୨ଲକ୍ଷ ୧ହଜାର ୪୨୬କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ମହାନଦୀ ଓ ତା'ର ଶାଖା ନଦୀଗୁଡିକ ଅଧିକାଂଶ ସ୍ଥାନରେ ବିପଦ ସଙ୍କ ?ତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ବନ୍ୟା ଜଳ ପ୍ରବେଶ ଯୋଗୁ ଲୋକମାନେ ଏବେ ଜଳବନ୍ଦୀ ଅବସ୍ଥାରେ ଥିବାବେଳେ ବନ୍ୟା ପ୍ରଭାବିତ ଅଂଚଳରେ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରଖିବା ପାଇଁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ନିଷ୍ପତ୍ତି ନେବାକୁ କୁହାଯାଇଛି । । ଆସନ୍ତା ୪୮ଘଂଟା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡା ଭଳି ୧୦ଟି ଜିଲ୍ଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ୭ଦିନ ପାଇଁ ବାତିଲ କରିଦିଆଯାଇଛି । ଏହାସହିତ ଇଞ୍ଜିନିୟରମାନଙ୍କୁ ନିଜ ସ୍ଥାନ ଛାଡି ନଯିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।ବନ୍ୟା ପ୍ଲାବିତ ଅଂଚଳରୁ ତୁରନ୍ତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତଳିଆ ଅଂଚଳରୁ ଲୋକମାନଙ୍କୁ ପ୍ରାଥମିକତା ଦେଇ ସ୍ଥାନାନ୍ତର କରାଯିବା ଏବଂ ଆବଶ୍ୟକ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ୯ଟି ଏନ୍‌ଡିଆରଏଫ୍, ୯ଟି ଓଡ୍ରାଫ ଓ ୪୪ଟି ଅତିରିକ୍ତ ଅଗ୍ନିଶମ ସେବା ୟୁନିଟ୍ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି । ବନ୍ୟା ଜଳ ପ୍ରଭାବିତ ଅଂଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ସହ ସ୍ୱାସ୍ଥ୍ୟ ଓ ପଶୁସମ୍ପଦ ବିଭାଗର ଟିମକୁ ମଧ୍ୟ ସଜାଗ ରଖାଯାଇଛି । ଗୋଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯିବା ସହ ବିଦ୍ୟୁତ ଶକ୍ତି ଯୋଗାଣ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଶକ୍ତି ବିଭାଗକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର କହିଛନ୍ତି ଯେ, ହୀରାକୁଦର ୪୦ଟି ଗେଟ୍ ଖୋଲିବା ନିଷ୍ପତ୍ତିରେ ଛତିଶଗଡର କିଛି ଭୂମିକା ନାହିଁ । ଗେଟ୍ ଖୋଲିବାରେ ଛତିଶଗଡ ସହ କିଛି ସମ୍ପର୍କ ନାହିଁ । ବନ୍ୟା ଜଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଟେକନିକାଲ କମିଟି ସହ କଥା ହୋଇ ନିଷ୍ପତ୍ତି ନିଆଯାଇଛି ।



## ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ , ୪୮ ଘଂଟା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ:ଏସଆରସି

ଭୁବନେଶ୍ୱର, ୧୬।୮(ପି.ଏନ): ଆଜି ସନ୍ଧ୍ୟାରେ ମୁଣ୍ଡଳିରେ ସର୍ବାଧିକ ବନ୍ୟାଜଳ ପ୍ରବାହିତ ହେବ। ତେଣୁ ନଦୀ ବନ୍ଧକୁ ଜଗିବା ଜରୁରୀ । ଗତକାଲି ରାତି ୯ଟାରୁ ୧୨ଟା ଭିତରେ ଖଇରମାଳରେ ସର୍ବାଧିକ ୧୨.୦୬ ଲକ୍ଷ କ୍ୟୁସେକ୍ ପାଣି ପାସ୍ କରିଛି। କାଲି ଖଇରମାଳ ପାସ୍ କରିଥିବା ପାଣି ଆଜି ସନ୍ଧ୍ୟାରେ ମୁଣ୍ଡଳିରେ ପହଂଚିବ। ଆଜି ସନ୍ଧ୍ୟାରେ ମୁଣ୍ଡଳିରେ ସର୍ବାଧିକ ସାଢ଼େ ୧୧ ଲକ୍ଷ କ୍ୟୁସେକ୍ ପାଣି ପାସ୍ କରିପାରେ। ତେଣୁ ଆଗାମୀ ୪୮ ଘଂଟା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ପ୍ରଦୀପ ଜେନା ।ସେ କହିଛନ୍ତି ଗତ କିଛି ଦିନ ଧରି ଲଗାତାର ବର୍ଷା ହେତୁ ମହାନଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ମହାନଦୀ ଅବବାହିକାରେ ଥିବା ୧୦ଟି ଜିଲ୍ଲାର କେତେକ ତଳିଆ ଅଂଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇପାରେ । ଏହି ୧୦ଟି ଜିଲ୍ଲାର ଜିଲ୍ଲା ପ୍ରଶାସନ ସତର୍କ ରହିବା ସହ ସମସ୍ତ ସତର୍କତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସ୍ତରରୁ ସରକାରୀ ବିଭାଗଗୁଡ଼ିକ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ଲାବିତ ଅଂଚଳରୁ ତୁରନ୍ତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତଳିଆ ଅଂଚଳରୁ ଲୋକମାନଙ୍କୁ ପ୍ରାଥମିକତା ଦେଇ ସ୍ଥାନାନ୍ତର କରାଯିବା ଏବଂ ଆବଶ୍ୟକ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ୯ଟି ଏନ୍‌ଡିଆରଏଫ୍, ୯ଟି ଓଡ୍ରାଫ୍ ଏବଂ ୪୪ଟି ଅତିରିକ୍ତ ଅଗ୍ନିଶମ ସେବା ୟୁନିଟ୍ ଗୁଡ଼ିକ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପ୍ରଭାବିତ ଗ୍ରାମାଂଚଳରେ ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ବିଶେଷ ବ୍ୟବସ୍ଥା କରିବା ସହ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପ୍ରଭାବିତ ଅଂଚଳରେ ଆବଶ୍ୟକ ପ୍ରାଣୀଚିକିତ୍ସା ତଥା ଗୋଖାଦ୍ୟ ଯୋଗାଇଦେବେ। ଇଂଜିନିୟରିଂ ବିଭାଗଗୁଡ଼ିକ କ୍ଷତିଗ୍ରସ୍ତ ଭିତିଭୂମିର ଶୀଘ୍ର ପୁନରୁଦ୍ଧାର କରିବେ। ସେହିପରି କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ ଶକ୍ତି ଯୋଗାଣ ପାଇଁ ଶକ୍ତି ବିଭାଗ ଆବଶ୍ୟକୀୟ ପ୍ରାଥମିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଆଗାମୀ ୪୮ ଘଂଟା ପାଇଁ ମହତ୍ୱପୂର୍ଣ୍ଣ। ଦୁଇଦିନ ପରେ ବନ୍ୟାଜଳ କ୍ରମଶଃ କମିବାକୁ ଲାଗିବ। ନଦୀ ଓ କେନାଲ ବନ୍ଧର ସୁରକ୍ଷା ନିମନ୍ତେ କ୍ଷେତ୍ରୀୟ ସ୍ତରରେ ଜଗାରଖା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଂଚଳରେ ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ପାଇଁ ଜିଲ୍ଲାପାଳମାନେ ପରିସ୍ଥିତି ଅନୁଧ୍ୟାନ କରି ନିଷ୍ପତି ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଆଦି ୧୦ଟି ଜିଲ୍ଲାରେ ସମସ୍ତ ସରକାରୀ କର୍ମଚାରୀମାନଙ୍କ ଛୁଟି ୭ ଦିନ ପାଇଁ ବାତିଲ କରାଯାଇଛି ବୋଲି ଏସଆରସି କହିଛନ୍ତି। ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ମହାନଦୀ ଅବବାହିକାରେ ଥିବା ୧୦ଟି ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ବିଭାଗୀୟ ସଚିବମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରିଛନ୍ତି ।

## ପୋଲିସ ବସ୍ ପହଲଗାମର ଗଭୀର ଘାଟିରେ ଖସିପଡ଼ିଲା, ଏଥିରେ ଆଇଟିବିପିର ୬ ଯବାନ ଶହୀଦ ଓ ୩୩ ଜଣ ଆହତ

ଅନନ୍ତନାଗ, ୧୬।୮(ପି.ଏନ): ମଙ୍ଗଳବାର ଦିନ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲଲାର ପହଲଗାମ ଅଂଚଳରେ ଏକ ପୋଲିସ ବସ୍ ଗଭୀର ଘାଟିରେ ଖସିପଡ଼ିବାରୁ ଆଟିବିପିର ୬ ଯବାନଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ୩୩ ଜଣ ଯବାନ ଆହତ ମଧ୍ୟ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ପାଇଁ ଶ୍ରୀନଗରର ମିଲିଟାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ଆଇଟିବିପିର ୩୭ ଜଣ ଯବାନ ଏବଂ ଦୁଇ ଜଣ ପୋଲିସ ସହିତ ଅମରନାଥରୁ ଫେରୁଥିଲେ । ହଠାତ୍ ପୋଲିସ ବସ୍ ଖସିଯିବାକାରଣରୁ ଚନ୍ଦନୱାଡ଼ି ଏବଂ ପହଲଗାମ ମଧ୍ୟରେ ଏକ ଗଭୀର ଗାତରେ ଖସି ପଡ଼ିଥିଲା । ଦୁର୍ଘଟଣାର ଖବର ପାଇବା ମାତ୍ରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ସେ କହିଛନ୍ତି । ଆହତ ମାନଙ୍କୁ ଉଦ୍ଧାର କରିବା ପାଇଁ ଏୟାରଲିଫ୍ଟ ବ୍ୟବହାର କରାଯାଇଥିଲା ଏବଂ ସେମାନଙ୍କୁ ଶ୍ରୀନଗରର ମିଲିଟାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ଆଇଟିବିର ୬ ଯବାନ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩୩ ଜଣ କର୍ମଚାରୀ ଆହତ ହୋଇଛନ୍ତି । ଏଥିମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ


© Reuters

ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆମ୍ଭକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ଅମରନାଥ ଶକ୍ତିପୀଠ



ପୁଣ୍ୟଭୂମି ଭାରତ ବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ମାନ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ରଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ (ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ତେବେ ୫୧ଟି ଶକ୍ତିପୀଠ ମଧ୍ୟରେ କାଶ୍ମୀରର ମହାମାୟା ଶକ୍ତିପୀଠ(ଅମରନାଥ) ଅନ୍ୟତମ। ଏହା ଅତ୍ୟନ୍ତ ପବିତ୍ର ତୀର୍ଥ ସ୍ଥାନ ଭାବରେ ପରିଚିତ। ଭାରତୀୟ ଉପ-ମହାଦେଶରେ ଏହି ପୀଠର ମହାନତା ରହିଛି। ହିନ୍ଦୁ ଧର୍ମର ପୁରାଣ ଅନୁଯାୟୀ ଯେଉଁ ସ୍ଥାନ ଗୁଡ଼ିକରେ ଦେବୀ ସତୀଙ୍କ ଅଙ୍ଗର ବିଭିନ୍ନ ଅଂଶ, ବସ୍ତ୍ର ଓ ଆଭୁଷଣ ମାନ ବିଂଚି ହୋଇ ପଡ଼ିଥିଲା, ସେଗୁଡ଼ିକ ଶକ୍ତିପୀଠ ଭାବରେ ପରିଚିତ ହେଲେ।



କାଶ୍ମୀରରେ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଭଗବାନ ଶିବଙ୍କ ହିମ-ଜ୍ୟୋତିର୍ଲିଙ୍ଗ ସାରା ଭାରତରେ ପ୍ରସିଦ୍ଧ। ଏଠାରେ ହିମ-ଶକ୍ତିପୀଠ ମଧ୍ୟ ରହିଛି। ଆହୁରି ମଧ୍ୟ ଏଠାରେ ଏକ ଗଣେଷ ପୀଠ ଓ ଏକ ପାର୍ବତୀ ପୀଠ ବରଫ୍ ରେ ନିର୍ମିତ ହୋଇଛି। ଏଠାକାର ପାର୍ବତୀ ପୀଠ ହିଁ ଶକ୍ତିପୀଠ ସ୍ଥଳ। ଶ୍ରାବଣ ମାସ ଶୁକ୍ଳ ପୂର୍ଣ୍ଣିମାରେ ଅମରନାଥଙ୍କ ଦର୍ଶନ ସହିତ ପାର୍ବତୀ ଶକ୍ତିପୀଠ ମଧ୍ୟ ଭକ୍ତ ମାନଙ୍କ ଦ୍ୱାରା ଦର୍ଶନ କରାଯାଏ। ଏଠାରେ ମା'ସତୀଙ୍କ ଅଙ୍ଗ ଓ ଅଙ୍ଗ ଭୂଷଣର ପୂଜା କରାଯାଏ। କାରଣ ଏଠାରେ ମାତା ସତୀଙ୍କ ବେକ ଖଣ୍ଡ ପଡ଼ିଥିଲା। ଏଠାରେ ଶକ୍ତି ମହାମାୟା ତଥା ଭୈରବ 'ତ୍ରିସନ୍ଧେଶ୍ୱର' ଅଟନ୍ତି।

ଜାମ୍ମୁ କାଶ୍ମୀର ରାଜ୍ୟରେ ଅବସ୍ଥିତ ଅମରନାଥ ଖୁବ୍ ପବିତ୍ର ତୀର୍ଥସ୍ଥଳୀ। ଅମରନାଥ ଧାମ ବିଶ୍ୱ ପ୍ରସିଦ୍ଧ ବର୍ଫାନୀ ଶିବ ଲିଙ୍ଗ ସହିତ ମହାମାୟା ଶକ୍ତିପୀଠ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନୀୟ। ଏହି ସ୍ଥାନରେ ଭଗବାନ ଶିବ ନିଜ ପତ୍ନୀ ପାର୍ବତୀଙ୍କୁ ଅମର ହେବାର ଜ୍ଞାନ ଦେଇଥିଲେ। ଏହି ମନ୍ଦିର ମଧ୍ୟ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଅବସ୍ଥିତ। ଏଠାରେ ଶିବ ଭୈରବଙ୍କୁ 'ତ୍ରିସନ୍ଧେଶ୍ୱର'ଙ୍କ ନାମରେ ପୂଜା କରାଯାଏ। ଅମରନାଥଙ୍କ ଏହି ପବିତ୍ର ଗୁମ୍ଫାରେ, ଯେଉଁଠି ଭଗବାନ ଶିବଙ୍କ ହିମ ଲିଙ୍ଗର ଦର୍ଶନ ହୋଇଥାଏ, ସେଠାରେ ହିଁ ହିମ ନିର୍ମିତ ପାର୍ବତୀ ପୀଠ ରହିଛି। ଏହି ପାର୍ବତୀ ପୀଠ ମହାମାୟା ଶକ୍ତିପୀଠ ଭାବେ ପରିଚିତ। ଅମରନାଥ ଶକ୍ତିପୀଠ କାଶ୍ମୀରର ଶ୍ରୀନଗର ଠାରୁ ୧୪୧ କି.ମି.ଦୂର ୧୨୭୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଅମରନାଥ ଯାତ୍ରା ଭାରି କଷ୍ଟଦାୟକ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ପାଇଁ ୨ଟି ବାଟ ରହିଛି। ପ୍ରଥମ: ଶ୍ରୀନଗର ଠାରୁ ୭୦ କି.ମି. ଦୂର ବଲତଲ୍, ଯାହା ପାଦରେ ଚଲା ଯାଇପାରେ। କିନ୍ତୁ ଏହି ରାସ୍ତା ଭାରି ଭୟଙ୍କର। କାରଣ ବର୍ଷାର ବିପଦ ରହିଛି। ଦ୍ୱିତୀୟ: ପହଲଗାମ୍ ରୁ ଯାତ୍ରା ଆରମ୍ଭ ହୁଏ। ଯାହା ଚନ୍ଦନବାଡ଼ି, ଶେଷନାଗ, ପଂଚତରଣୀ ହୋଇ ଯିବାକୁ ପଡ଼େ। ଏହା ବଲତଲ୍ ରାସ୍ତା ଠାରୁ ବହୁତ ଭଲ ଓ ଚନ୍ଦେବାଡ଼ି ଠାରୁ ୧୬ କି.ମି.ଦୂରରେ ପବିତ୍ର ଅମରନାଥ ଗୁମ୍ଫା ଆସିଥାଏ। ଅଧିକାଂଶ ଯାତ୍ରୀ ଏହି ରାସ୍ତାକୁ ପସନ୍ଦ କରନ୍ତି। ଜାମ୍ମୁ ଠାରୁ ପହଲଗାମ୍ ପର୍ଯ୍ୟନ୍ତ ୧୨ ଘଂଟାର ବସ୍ ଯାତ୍ରା ପରେ ପହଲଗାମ୍‌ରେ ରାତ୍ରି ବିଶ୍ରାମ କରି ପୁଣି ଯାତ୍ରା ଆରମ୍ଭ ହୁଏ। ପ୍ରଥମ ବିଶ୍ରାମ ୧୪ କି.ମି. ଦୂର ଚନ୍ଦନବାଡ଼ୀରେ ହୋଇଥାଏ। ଏହି ବାଟକୁ ପାଦରେ କିମ୍ବା ମିନି ବସ୍‌ରେ ଅତିକ୍ରମ କରିବାକୁ ପଡ଼େ। ୯୫୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଚନ୍ଦନବାଡ଼ୀରେ ଭାରି ଥଣ୍ଡା ଥଣ୍ଡା ପବନ ଦେହକୁ ଶୀତେଇ ଦିଏ। ଏଠାରେ ଯାତ୍ରା ପାଇଁ ଛଡ଼ (ବାଡ଼ି) କିଣିବାକୁ ହୁଏ। କାରଣ ଏଠାରୁ ପଦଯାତ୍ରା ଆରମ୍ଭ ହୁଏ। ପ୍ରାୟ ୩୨ କି.ମି.ସିଧା ଉପରକୁ ଉଠାଣୀ ରାସ୍ତା ହୋଇଥିବାରୁ ବହୁ କଷ୍ଟ ଲାଗିଥାଏ। ପ୍ରତିବର୍ଷ ସ୍ଥାନୀୟ ସରକାର ଶିବ ଭକ୍ତ ମାନଙ୍କ ପାଇଁ ଅମରନାଥ ଯାତ୍ରାର ବ୍ୟବସ୍ଥା କରିଥାନ୍ତି। ଏଠାରେ ଅମରନାଥ ଯାତ୍ରା ମୁଖ୍ୟତଃ ପ୍ରତିବର୍ଷ ଜୁନ୍ ରୁ ଅଗଷ୍ଟ ପର୍ଯ୍ୟନ୍ତ ପାଳନ ହୋଇଥାଏ। ଏହି ଗୁମ୍ଫାରେ ଭକ୍ତମାନଙ୍କୁ ପ୍ରସାଦ ଆକାରରେ ବିଭୂତି ଦିଆଯାଏ। ଏହି ଗୁମ୍ଫା କେବଳ ଅଳ୍ପଦିନ ପାଇଁ ଆଷାଢ ମାସରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ହିଁ ଖୋଲା ରୁହେ।







ପଥୁରିଆ ରାସ୍ତାରେ ପ୍ରାୟ ୩-୪ ଘଂଟାରେ ୩ କି.ମି.ଦୂର ଯାତ୍ରା କରି ୧୧୫୦୦ ଫୁଟ ଉଚ୍ଚତାରେ "ପିସୁ ଟାପୁ"ରେ ପହଂଚି ଟିକେ ବିଶ୍ରାମ କରିବାକୁ ପଡ଼େ। ଏହାପରେ 'ଶେଷନାଗ' ଅର୍ଥାତ୍ ଦ୍ୱିତୀୟ ଆଶ୍ରୟସ୍ଥଳୀ ଆଡ଼େ ଯିବାକୁ ପଡ଼େ। ରାସ୍ତାରେ ଜୋଜିପାଲ୍ ଓ ନାଗାକୋଟୀରେ ଅଳ୍ପ ସମୟ ବିଶ୍ରାମ କରି ୧୨୫୦୦ ଫୁଟ୍ ଉଚ୍ଚତାରେ(ଚନ୍ଦନବାଡ଼ୀ)ରୁ ୧୪ କି.ମି. ଦୂର ଶେଷନାଗରେ ପହଂଚିବାକୁ ହୁଏ। ଚତୁର୍ଦ୍ଦିଗରେ ଉଚ୍ଚ ଉଚ୍ଚ ପାହାଡ଼ ଘେରା ଏକ ବିଶାଳ ହ୍ରଦ ରହିଛି, ଯାହାର ଗଭୀରତା ଅନୁମାନ କରିବା କଷ୍ଟକର। ଏହି ସ୍ଥାନକୁ ଶେଷନାଗଙ୍କ ବାସ ସ୍ଥାନ ବୋଲି କୁହାଯାଏ। ଶେଷନାଗ ବେଳେ ବେଳେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା କୁହାଯାଏ। ଏଠାରେ ଥିବା ଟେଂଟ ହାଉସରେ ବିଶ୍ରାମର ସୁବିଧା ସହିତ ଅହରହ ଅନ୍ନଛତ୍ରର ବ୍ୟବସ୍ଥା ରହିଛି। ସୀମା ସୁରକ୍ଷା ବାହିନୀର ଟେଂଟ ହାଉସ୍‌ରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ରହିଛି। ପର ଦିନ ୧୩ କି.ମି. ଦୂରର ପଂଚତରଣୀ (ତୃତୀୟ ବିଶ୍ରାମ ସ୍ଥଳୀ) ଦିଗକୁ ଯାତ୍ରା ଆରମ୍ଭ ହୋଇଥାଏ। ଏହା ଅତି କଠିନ ରାସ୍ତା। ଏବେ ୧୪୮୦୦ ଫୁଟ୍ ଉପରକୁ ଯାତ୍ରା। ଏଠାରେ ପ୍ରବଳ ଥଣ୍ଡା ହାୱା ବଢ଼ିଯାଏ। ଅଳ୍ପ ସମୟ ବିଶ୍ରାମ କରି ଏଠାରୁ ପଂଚତରଣ ପାଇଁ ତଳକୁ ଓହ୍ଲାଇବାକୁ ପଡ଼େ। ରାସ୍ତାରେ ରାବିବାଲ୍ ତଥା ପୋଶପୟରୀ ବାଟ ଦେଇ ତୃତୀୟ ଆଶ୍ରୟସ୍ଥଳ ପଂଚତରଣରେ ବିଶ୍ରାମ ଓ ଅଟକିବାକୁ ହୁଏ। ଏଠାରେ ମଧ୍ୟ ଚିକିତ୍ସା ସୁବିଧା,ବିଶ୍ରାମ ତଥା ଅନ୍ନଛତ୍ରର ସଂପୂର୍ଣ୍ଣ ବ୍ୟବସ୍ଥା ରହିଛି। ଏଠାରୁ ଅମରନାଥ ଗୁମ୍ଫାର ଦୂରତା ମାତ୍ର ୭କି.ମି.। ଏହି ଗୁମ୍ଫା ୧୩୬୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହି ଯାତ୍ରାରେ କିଛି ଲୋକେ ଘୋଡ଼ାରେ ମଧ୍ୟ ଯାଆନ୍ତି, ମାତ୍ର ଏହି ବ୍ୟବସ୍ଥା ପୂର୍ବରୁ କରିବାକୁ ପଡ଼େ। ଦର୍ଶନ ପୂର୍ବରୁ ଅମରାବତୀ ଝରଣାରେ ସ୍ନାନ କରିବାକୁ ପଡ଼େ। ଅମରନାଥ ଗୁମ୍ଫା ପ୍ରାୟ ୬୦ ଫୁଟ୍ ଲମ୍ବା ଓ ୨୬ ଫୁଟ୍ ଓସାର। ଏହାର ଉଚ୍ଚତା ୧୫ ଫୁଟ୍।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# କେବେ ବଦଳିବ ଖୋର୍ଦ୍ଧାର ମାନଚିତ୍ର ?

ଖୋର୍ଦ୍ଧା (ପିଏନ୍): ଜିଲ୍ଲା ମାନ୍ୟତା ପାଇବାର ଅନେକ ଦିନ ବିତିଗଲାଣି ଐତିହାସିକ ସ୍ମୃତି ବିଜଡିତ ଖୋର୍ଦ୍ଧା ସହରକୁ ମାତ୍ର ତାହା ଆଜିବି କ୍ୟାବିନ ସହର ଭାବେ ସେ ତାର ପରିଚୟ ସୃଷ୍ଟି କରିଛି। ଯା ଭିତରେ ଅନେକ ପ୍ରଶାସନିକ ଅଧିକାରୀ ଖୋର୍ଦ୍ଧାରେ ତାଙ୍କର କାର୍ଯ୍ୟ ନିର୍ବାହ କରି ଗଲେଣି; କିନ୍ତୁ ଖୋର୍ଦ୍ଧାର ଭାଗ୍ୟ ଯେଉଁ ତିମିରେକୁ ସେଇ ତିମିରେ ! ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ରହିଛି ଖୋର୍ଦ୍ଧା ସହର। ଜିଲ୍ଲା ମାନ୍ୟତା ପାଇବା ପରଠାରୁ ଖୋର୍ଦ୍ଧା ସହରରେ ପ୍ରଥମ କରି ଦୁଇଜଣ ଆଇ.ଏ.ଏସ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଭାବେ ଜଣେ ଆଇ.ପି.ଏସ.ଙ୍କୁ ସରକାର ପଠାଇଛନ୍ତି। ମାତ୍ର ସେମାନଙ୍କ କାର୍ଯ୍ୟଧାରା ସେପରି ଆଖିଦୃଶିଆ ହେବାର ବୁଦ୍ଧିଜୀବୀ ମାନେ ଉପଲବ୍ଧି କରିପାରୁନାହାଁନ୍ତି ଯାହା ଅତ୍ୟନ୍ତ କ୍ଷୋଭର ବିଷୟ। ଟ୍ରାଫିକ ସମସ୍ୟାଠାରୁ ଆରମ୍ଭ କରି ସହରର ଚଲା ରାସ୍ତାଘାଟର କଥା ନକହିଲେ ଭଲ। ଅସରାଏ ବର୍ଷାରେ ସହରରେ କୃତ୍ରିମ ପୁଷ୍କରଣୀ ସୃଷ୍ଟି ହେବା ସହ ଯିବା ଆସିବାରେ ଅନ୍ତରାୟ ସୃଷ୍ଟିକରୁଛି। ଗୋଡିପୋଖରୀ ଠାରୁ ମାରୁଆଡିପଟି ଓ ଟ୍ରାଫିକଠାରୁ ନୁଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଦିନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତା ପାରହେବାକୁ ଘଂଟା ଘଂଟା ଲାଗୁଛି। ଖୋର୍ଦ୍ଧାର ନୂତନ ଆଇ.ପି.ଏସ. ଅଧିକାରୀ ଶ୍ରୀଯୁକ୍ତ ସିଦ୍ଧାର୍ଥ କଟାରିଆଙ୍କୁ ଏହି ଟ୍ରାଫିକ ସମସ୍ୟାକୁ ନେଇ ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ ଉମାଶଙ୍କରର ପ୍ରସାଦ, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ପ୍ରଭାତ ମିଶ୍ର, କୋଷାଧକ୍ଷ ସାମ୍ବାଦିକ ପ୍ରଦୀପ ବେହେରା ସାକ୍ଷାତ କରି କହିଥିଲେ ଏବଂ ଏସ.ପି ମହୋଦୟ ୩/୪ ଦିନ ଧରି ସ୍ଥିତି ପରଖିବା ସହ ତନାଘନା କରିବାରୁ କିଛି ସମାଧାନର ଆଶା ଅଙ୍କୁରିତ ହୋଇଥିଲା; ମାତ୍ର ସମୟକ୍ରମେ ଟ୍ରାଫିକ ବ୍ୟବସ୍ଥା ପୂର୍ବ ଅବସ୍ଥାକୁ ଫେରିଆସିଛି ଯାହା ଅତ୍ୟନ୍ତ କ୍ଷୋଭର ବିଷୟ। ଟ୍ରାଫିକରେ କାର୍ଯ୍ୟରତ ଥିବା ଅଧିକାରୀ ପାଖ ଦୋକାନର ବେଂଚରେ ବସି ଗପ ମାରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ନୂତନ ଭାବରେ ଯୋଗଦେଇଥିବା ଆଇ.ଏ.ଏସ. ଅଧିକାରୀଙ୍କୁ ବିଭିନ୍ନ ସମସ୍ୟାକୁ ନେଇ ସାମ୍ବାଦିକ ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ଦେଖାକରିବା ପାଇଁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି। ସ୍ଥାନୀୟ ତହସିଲରେ ବିନାଲାଂଚରେ କୌଣସି କାର୍ଯ୍ୟ ହେବା କଷ୍ଟସାଧ ହୋଇପଡିଛି। ଗାଁଗହଳିରୁ ଆସୁଥିବା ନୀରିହ ଲୋକମାନେ ନିରାଶ ହୋଇ ଭାଗ୍ୟକୁ ଆଦରି ଫେରୁଛନ୍ତି ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ବିଦ୍ୟୁତ ବିଭାଗର ଅଘୋଷିତ ବିଜୁଳି କାଟ ସହରବାସୀଙ୍କୁ ହତାଶ କରୁଛି। ବିଭାଗୀୟ ଟେଲିଫୋନକୁ ଫୋନ୍ କଲେ ଉତର ମିଳୁନି। ଆଶ୍ଚର୍ଯ୍ୟର କଥା ଇତିହାସ ସ୍ମୃତି ବହନ କରିଥିବା ଖୋର୍ଦ୍ଧା ସହରକୁ ପ୍ରବେଶ ପାଇଁ ଅଦ୍ୟାବଧି ବାହାରୁ ଆସୁଥିବା ଲୋକମାନଙ୍କୁ ଭ୍ରମରେ ପକାଉଛି। ଏଇ ଭିତରେ କେତେ ବିଧାୟକ, ସାଂସଦ, ନଗରପାଳ ଗଲେଣି; ମାତ୍ର କାହାରିକୁ ଏ ବିଷୟରେ କହିଲେ କିଛି ସନ୍ତୋଷଜନକ ଉ□ର ମିଳୁନାହିଁ। ଜିଲ୍ଲାପାଳଙ୍କ ପି.ଏ.ଙ୍କ ବ୍ୟବହାର ଅତିଷ୍ଠ ହେବାରେ ଲାଗିଛି। ସେ ବହୁ ଦୁର୍ନୀତିରେ ଲିପ୍ତ ଥିବାର ସାଧାରଣରେ ଚର୍ଚ୍ଚା ହେଉଛି। ଆଶା ଓ ବିଶ୍ୱାସ ଖୋର୍ଦ୍ଧା ଜିଲାରେ ପ୍ରଥମ କରି ତିନି ବରିଷ୍ଠ ଅଧିକାରୀଙ୍କଠାରୁ ଖୋର୍ଦ୍ଧାର ଜନସାଧାରଣ ଅନେକ ଆଶା ରଖିଛନ୍ତି। ଦେଖାଯାଉ କେବେ ଏହା ଫଳପ୍ରଦ ହେଉଛି ! ସମୟକୁ ଅପେକ୍ଷା।

# 'ଶିକ୍ଷକ ସଂଗଠନର କାର୍ଯ୍ୟଧାରା ନୂତନ ପିଢ଼ିକୁ ଦିଗ୍‌ଦର୍ଶନ ଦେଉ'




କୋଣାର୍କ (ପିଏନ୍): "ଶିକ୍ଷକ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖୁଥିବା ଶିକ୍ଷକ ସଂଗଠନର କାର୍ଯ୍ୟଧାରା ସ୍ୱଚ୍ଛ ତଥା ନିରପେକ୍ଷ ହେବା ଜରୁରୀ। ଗଣତାନ୍ତ୍ରିକ ଉପାୟରେ ଶିକ୍ଷକମାନଙ୍କର ବୃ□ିଗତ ସମସ୍ୟାର ସମାଧାନ ସହିତ ପ୍ରତ୍ୟୁତ୍ପନ୍ନମତି ବିକଶିତ ଛାତ୍ର ସମାଜ ଗଠନରେ ଶିକ୍ଷକ ସଂଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଉଚିତ। ଶିକ୍ଷକ ସଂଗଠନର ନୀତିନିଷ୍ଠ କାର୍ଯ୍ୟଧାରା ଭବିଷ୍ୟତ ପିଢ଼ିକୁ ଦିଗଦର୍ଶନ ଦେଉ" ବୋଲି ଗତ ଶନିବାର କୋଣାର୍କ ନିକଟ ନୂଆଗାଁସ୍ଥିତ ଆ□ତ୍ରାଣ କା□କେଶ୍ୱର ବିଦ୍ୟାପୀଠ ପରିସରରେ ଆୟୋଜିତ ସଭାରେ ବକ୍ତାମାନେ ମତପୋଷଣ କରିଛନ୍ତି। ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଭୈରବ ନୋଡାଲ ଉ.ପ୍ରା ସ୍କୁଲ କ୍ଲଷ୍ଟର ପକ୍ଷରୁ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସାଧାରଣ ସଂପାଦକ ସତ୍ୟନାରାୟଣ ସାହୁ ଓ ଉପଦେଷ୍ଟା ଅଚ୍ୟୁତାନନ୍ଦ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦ□ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବେଣୁଧର ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଲୋଷ୍ଟାର ପୁରୀ ଜିଲ୍ଲା ସଭାପତି ରାଜକିଶୋର ଜେନା, ଶିକ୍ଷକ ସମନ୍ୱୟ ସମିତିର ଉପସଭାପତି ଶେଖ୍ ମକସୁଦ ହୁସେନ, ଉପଦେଷ୍ଟା ଜମ୍ମେଶ୍ୱର ସ୍ୱାଇଁ, ଏକ୍ସ କ୍ୟାଡର ଶିକ୍ଷକ ସଂଘର ସଭାପତି ଶରତଚନ୍ଦ୍ର ପରିଡା, ଶିକ୍ଷକ ସାଧନକର୍ମୀ ସରୋଜ କୁମାର ମିଶ୍ର, ସୁରଜିତ ସାହୁ, ଶିକ୍ଷାବିତ୍ ହରମୋହନ ନାୟକ, ଏ.କେ. ବିଦ୍ୟାପୀଠର ସଭାପତି ନିରଂଜନ ସାହୁ, ସଂପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକ, ପ୍ରଧାନଶିକ୍ଷକ ସ୍ମରଜିତ ସେନ, ସମ୍ରାଟଭଞ୍ଜ ଭୋଇ, ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ, ବନ୍ଦନା ଆଚାର୍ଯ୍ୟ ପ୍ରମୁଖ ଶିକ୍ଷକ ନେତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟନାରାୟଣ ସାହୁ ଓ ଅଚ୍ୟୁତାନନ୍ଦ ପ୍ରଧାନଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ। ଏହି ଅବସରରେ ଭୈରବ କ୍ଲଷ୍ଟର ପକ୍ଷରୁ ଉଭୟ ଶିକ୍ଷକ ନେତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏ.କେ. ବିଦ୍ୟାପୀଠର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଶିକ୍ଷକ ରାମକୃଷ୍ଣ ମହାନ୍ତି ସଭା କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଗୁଣ୍ଡିଚାରେ କେନ୍ଦ୍ରାପଡା ପ୍ରଧାନ ଡାକଘରେ 'ସ୍ୱତନ୍ତ୍ର ରଦ୍ଦକରଣ ମୋହର' ଉନ୍ମୋଚିତ



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ କେନ୍ଦ୍ରାପଡା ଡାକମଣ୍ଡଳ ପକ୍ଷରୁ ଏକ 'ସ୍ୱତନ୍ତ୍ର ରଦ୍ଦକରଣ ମୋହର' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡା ପ୍ରଧାନ ଡାକଘର ପରିସରରେ କେନ୍ଦ୍ରାପଡା ଡାକମଣ୍ଡଳର ଡାକ ଅଧିକ୍ଷକ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ଉ□ର ଡାକ ପରିମଣ୍ଡଳର ସହକାରୀ ଡାକ ଅଧିକ୍ଷକ ପରମେଶ୍ୱର ନାୟକ, କେନ୍ଦ୍ରାପଡା ଦକ୍ଷିଣ ଡାକ ପରିମଣ୍ଡଳର ଡାକ ନିରୀକ୍ଷକ ଆଦିତ୍ୟ କୁମାର ଜେନା, ପଟ୍ଟାମୁଣ୍ଡାଇ ଡାକ ନିରୀକ୍ଷକ ଗୌରୀଶ କୁମାର ଜେନା ଓ କେନ୍ଦ୍ରାପଡା ପ୍ରଧାନ ଡାକଘରର ମୁଖ୍ୟ ଡାକପାଳ ଜ୍ଞାନଚାନ୍ଦ ପରିଡା ପ୍ରମୁଖ ଯୋଗଦେଇ "ସ୍ୱତନ୍ତ୍ର ରଦ୍ଦକରଣ ମୋହର"ର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଫିଲାଟେଲିଷ୍ଟ ହରିପଦ ପଣ୍ଡା, ଶରତ ଚନ୍ଦ୍ର ସାମନ୍ତରାୟ, ଆଡ୍‌ଭୋକେଟ ମହମ୍ମଦ ମୁସ୍ତାକଙ୍କ ସମେତ କେନ୍ଦ୍ରାପଡା ଜିଲ୍ଲା ଓ ଆଖପାଖ ଅ□ଳର ଡାକଟିକେଟ ସଂଗ୍ରହକାରୀମାନେ ବହୁସଂଖ୍ୟାରେ ଯୋଗଦେଇଥିଲେ। ଶ୍ରୀଗୁଣ୍ଡିଚା ପାଇଁ ଡାକଘର ଛୁଟିଥିଲେ ବି ପୂର୍ବାହ୍ନ ୧୦ଘଟିକାଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଲୋକମାନେ ରେଜିଷ୍ଟ୍ରୀ ପୋଷ୍ଟ ଓ ସ୍ପିଡ ପୋଷ୍ଟ ଡାକ ବୁକିଙ୍ଗ କରିବା ପାଇଁ କେନ୍ଦ୍ରାପଡା ପ୍ରଧାନ ଡାକଘର ଖୋଲାରହିଥିଲା। ଏହି ସମୟ ମଧ୍ୟରେ ପ୍ରଧାନ ଡାକଘରେ ବୁକିଂ ହୋଇଥିବା ରେଜିଷ୍ଟ୍ରୀ ପୋଷ୍ଟ ଓ ସ୍ପିଡ ପୋଷ୍ଟ ଡାକରେ "ସ୍ୱତନ୍ତ୍ର ରଦ୍ଦକରଣ ମୋହର" ଲଗାଯାଇଥିବା ଦେଖାଯାଇଥିଲା।

## ଶ୍ରୀସତ୍ୟସାଇ ସେବା ସମିତିର ଶ୍ରୀବଳଦେବଜୀଉ ମନ୍ଦିର ସଫେଇ





କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଶ୍ରୀଗୁଣ୍ଡିଚାରେ ଇଛାପୁରସ୍ଥିତ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରକୁ ଶ୍ରୀ ସତ୍ୟସାଇ ସେବା ସମିତି, କେନ୍ଦ୍ରାପଡା ପକ୍ଷରୁ ସଫେଇ କରାଯାଇଥିଲା। ସମିତିର ପ୍ରାକ୍ତନ ଜିଲ୍ଲା ସଭାପତି ରାମଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମରେ ପ୍ରାକ୍ତନ ଆବାହକ ପ୍ରବୋଧ କୁମାର ରାୟ, ଆବାହକ ନୃସିଂହ ଚରଣ ତ୍ରିପାଠୀ, ଗୌରାଙ୍ଗ ମୁଦୁଲି, ଲକ୍ଷ୍ମଣ ସାହୁ, ସେବା ସଂଯୋଜକ ପରିକ୍ଷିତ ସାହୁ, ମନୋଜ ସୂତାର, କିଶୋର ଭାଇ, ମ□ଭାଇ,ମିଲୁ ଭାଇ ଓ ଭଉଣୀ ଅଙ୍ଗୁରବାଳା ସ୍ୱାଇଁ, ପ୍ରମିଳା ସାହୁ, ସାବିତ୍ରୀ ସେଠୀ, ଉଷାରାଣୀ ନାୟକ, ନିହାରିକା ସ୍ୱାଇଁ, କାବେରୀ ଆଚାର୍ଯ୍ୟ, ମୀରା ରାୟଙ୍କ ସମେତ ଅନ୍ୟମାନେ ଯୋଗଦେଇ ମନ୍ଦିର ବେଢା ପରିସରକୁ ସଫେଇ କରିଥିଲେ।

# ୨୪ ଘଂଟାରେ ୯୪.୭୦ମିମି ବର୍ଷା: ତଳିଆ ଅଂଚଳ ଜଳମଗ୍ନ, ନଦୀରେ ଭାସିଗଲେ ଯୁବକ



ଖୋର୍ଦ୍ଧା (ପିଏନ୍): ଚଳିତବର୍ଷ ବର୍ଷା ଚାଷୀ ସାଙ୍ଗରେ ଖେଳିଛି ଲୁଚକାଳି ଖେଳ। ବିଲରେ ଧାନ ପାଣି ଅଭାବରୁ ନଷ୍ଟ ହେବାକୁ ବସିଥିବା ବେଳେ ଏବେ କିନ୍ତୁ ଲଘୁଚାପ ବର୍ଷା ଚାଷୀ ମନରେ ଖୁସି ଆଣିଛି। ଧାରକରଜ କରି ବିଲରେ ଧାନ ବୁଣିଥିବା ଚାଷୀ ଚିନ୍ତାରେ ପଡିଥିଲା। କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ତ' ଆଉ କେତେବେଳେ ଅଭାବୀ ବିକ୍ରିରେ ଧନ୍ଦି ହୋଇ ଛଟପଟ ହେଉଛନ୍ତି ଚାଷୀ। ଗୋଟିଏ ପରେ ଗୋଟିଏ ବାତ୍ୟା ପରେ କରୋନା ମାଡରେ ଚାଷୀ ଏବେ ଅଂଟା ସଳଖିବାକୁ ଚେଷ୍ଟା କରୁଥିବା ବେଳେ ସ୍ୱଳ୍ପ ବୃଷ୍ଟି ଚାଷୀଙ୍କ ଲାଗି ଦାଉ ସାଧିଥିଲା। ବର୍ଷା ଅଭାବରେ ଚାଷୀକୁଳ ମୁଣ୍ଡରେ ହାତଦେଇ ଆକାଶକୁ ଚାହିଁ ବସିଥିବାବେଳେ ସତେ ଯେମିତି ଚାଷୀର ଡାକ ଇନ୍ଦ୍ରଦେବତା ଶୁଣିଲେ। ଲଘୁଚାପ ପ୍ରଭାବରେ ଜିଲ୍ଲାର ପ୍ରାୟ ସବୁ ସ୍ଥାନରେ ବର୍ଷା ହୋଇଛି। ଜୋର ନ ହୋଇଥିଲେ ବି ଚାଷ ପାଇଁ ଚଳନୀୟ ବୋଲି କହିଛନ୍ତି ଚାଷୀ ମିନକେତନ ସୁବୁଦ୍ଧି। ୨୪ ଘଂଟା ମଧ୍ୟରେ ଜିଲ୍ଲାରେ ଆପାତତଃ ୯୪.୭୦ ମିମି ବର୍ଷା ହୋଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାଯାଇଛି। ମିଳିଥିବା ସୂଚନା ପ୍ରକାରେ ଚଳିତବର୍ଷ ଧାନ ଏବଂ ଅଣଧାନ ଚାଷ ଲାଗି ଯୋଜନା ଅନୁଯାୟୀ ଖୋର୍ଦ୍ଧା ବ୍ଲକରେ ୧୪୫୦୫, ବେଗୁନିଆ ୧୬୫୩୫, ବୋଲଗଡ ୧୫୮୦୫, ଟାଙ୍ଗି ୧୨୫୯୨, ଚିଲିକା ୧୧୫୯୬, ବାଣପୁର ୧୨୫୪୦, ଭୁବନେଶ୍ୱର ୮୮୪୬, ଜଟଣୀ ୭୨୭୭, ବାଲିଅନ୍ତା ୯୯୧୦ ଏବଂ ବାଲିପାଟଣା ବ୍ଲକରେ ୧୦୫୪୪ ହେକ୍ଟର ଚାଷଜମିରେ ମୋଟ ୧,୨୦,୧୫୦ ଧାନ ଏବଂ ଅଣଧାନ ଚାଷ ଯୋଜନା ରହିଛି। ତନ୍ମଧ୍ୟରୁ କେବଳ ୧ ଲକ୍ଷ ୩ ହଜାର ୧୬୦ ହେକ୍ଟର ଜମିରେ ଧାନଚାଷ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

ଖରିଫ ଧାନଚାଷ ଲାଗି ସରକାର ସଠିକ୍ ସମୟରେ ବିହନ, ସାର, କୀଟନାଶକ ଚାଷୀଙ୍କ ନିକଟରେ ପହଂଚାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। କୃଷକଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇଦେବା ଲାଗି ଯୋଜନା ରହିଛି। ଚଳିତ ବର୍ଷ ଜିଲାରେ ପ୍ରାୟ ୨ଶହ ହେକ୍ଟର ଚାଷଜମିରେ ଧନିଚା ଏବଂ ରାଜ୍ୟ ଯୋଜନାରେ ୬ ଶହ ହେକ୍ଟର ଚାଷଜମିରେ ଧାଡ଼ିରୁଆ ଧାନଚାଷ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଜଳନିଧି ଓ ସୌର ପ୍ରକଳ୍ପ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ଚାଷୀପାଇଁ ଏବେ କିନ୍ତୁ ସାର ବଜାରରେ ମିଳୁନଥିବା ଅଭିଯୋଗ ହେଉଛି। ଆଉ ଯେଉଁଠି ବି ମିଳୁଛି ତାହା ପୁଣି ଚଢା ଦରରେ।

ଅନ୍ୟପକ୍ଷରେ ଗତ ଲଗାଣବର୍ଷାରେ ଜିଲ୍ଲାର କେତେକ ବ୍ଲକରେ ତଳି ଅଂଚଳ ଗାଁମାନଙ୍କରେ ପାଣି ପଶିଛି। ଚିଲିକା ଓ ବାଣପୁର ବ୍ଲକର କେତେକ ଗାଁରେ ପାଣି ପଶିଛି। ଅଗ୍ନିଶମ ବିଭାଗ ପକ୍ଷରୁ ବାଲୁଗାଁ କୋତରି ଗାଁରେ ଜଳଘେରରେ ଥିବା ଜଣେ ଗର୍ଭବତୀ ମହିଳାଙ୍କ ସମେତ ଅନ୍ୟକିଛି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଚିଲିକା ବ୍ଲକର ଜରିପଡା ଗାଁରେ ବନ୍ୟାଜଳ ପଶିଛି। ସେହିପରି ଜଟଣୀ ବ୍ଲକ ଅଧୀନସ୍ଥ ବେଣାପଜଂରୀ ପଂଚାୟତର ପାଣ୍ଡିଆବିଲିଠାରେ ଚଳିତ ବର୍ଷ ମାର୍ଚ୍ଚ ମାସ ୪ ତାରିଖ ବିଳମ୍ବିତ ରାତିରେ ଦୟା ଓ ରାଜୁଆ ନଦୀର ଜଳସ୍ତର ବଢିବା ଫଳରେ ଅସ୍ଥାୟୀ ରାସ୍ତାଟି ଭାଙ୍ଗିଯାଇଥିଲା ବେଳେ ପୁଣି ଗତ ଶନିବାର ରାତିରେ ଅସ୍ଥାୟୀ ରାସ୍ତାଟି ଲଘୁଚାପଜନିତ ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ଏହି ଅସ୍ଥାୟୀ ରାସ୍ତାରେ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି।

ଏହି ରାସ୍ତାଦେଇ ଖୋର୍ଦ୍ଧା ଓ ପୁରୀ ଜିଲାର ୩ଟି ବ୍ଲକର ଅଧିବାସୀମାନେ ପ୍ରତିଦିନ ଯାତାୟାତ କରିଥା'ନ୍ତି। ହଜାର ହଜାର ସଂଖ୍ୟକ ଲୋକମାନେ ନଦୀ ପାରିହୋଇ ଏହି ଅସ୍ଥାୟୀ ରାସ୍ତାରେ ଜଟଣୀ, ଭୁବନେଶ୍ୱର, ଖୋର୍ଦ୍ଧା, ପିପିଲି, ନିମାପଡା, ପୁରୀ ସହରକୁ ଯାଇଥା'ନ୍ତି। ଏପରିକି ସ୍କୁଲ, କଲେଜର ଛାତ୍ରଛାତ୍ରୀମାନଙ୍କ ସହିତ ଅନେକ ଲୋକ କର୍ମସ୍ଥଳକୁ ଯାଇଥା'ନ୍ତି। ମାତ୍ର ଏହି ଗ୍ରାମଗୁଡିକରେ ରହୁଥିବା ଲୋକମାନଙ୍କର ଅବସ୍ଥା ବର୍ଷର ୫ମାସ ଶୋଚନୀୟ ହେଉଥିବା ବେଳେ ଏବେ ପ୍ରତିଦିନ ଶୋଚନୀୟ ହେଉଛି। ସେହିପରି ଟାଙ୍ଗି ଅଂଚଳରେ ନଦୀରେ ଗାଧୋଉଥିବା ବେଳେ ଜଣେ ଯୁବକ ଭାସିଯାଇଛନ୍ତି।



ଜିଲ୍ଲାରେ ହାରାହାରି ୯୪.୭୦ ମିମି ବର୍ଷା ରେକର୍ଡ ହୋଇଛି। ତନ୍ମଧ୍ୟରେ ବାଲିଅନ୍ତାରେ ୪୨ ମିମି, ବାଲିପାଟଣା ୩୪.୮ମିମି, ଭୁବନେଶ୍ୱରରେ ୪୧.୨ ମିମି, ଜଟଣୀରେ ୨୫ ମିମି, ବାଣପୁରରେ ୨୦୦ ମିମି, ବେଗୁନିଆରେ ୭୪ ମିମି, ବୋଲଗଡରେ ୭୭ ମିମି, ଚିଲିକାରେ ୨୧୩ ମିମି, ଖୋର୍ଦ୍ଧାରେ ୩୦ ମିମି ଏବଂ ଟାଙ୍ଗିରେ ୨୧୦ ମିମି ବର୍ଷା ରେକର୍ଡ ହୋଇଛି। ତେବେ ଆଗକୁ ବର୍ଷା ଜାରୀ ରହିଲେ ରାଜୁଆ ନଦୀ ଅବବାହିକାରେ ଚାଷଜମି କ୍ଷତିଗ୍ରସ୍ତ ହେବା ଆଶଙ୍କା କଲେଣି ଚାଷୀ। ଏ ଅଂଚଳରେ ମନୁଷ୍ୟକୃତ ବନ୍ୟା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ରାଜୁଆ ନଦୀ ଅବବାହିକା ଅଂଚଳର ଚାଷଜମି ନଷ୍ଟହେବା ପଛରେ ଘେରିବନ୍ଧ ପ୍ରମୁଖ କାରଣ ହୋଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଯେତିକି ଚାଷଜମିରେ ବି ଧାନ ଫସଲ ରହିଛି, ତାହା ବର୍ଷା ଯୋଗୁ ବୁଡିବାକୁ ବସିଥିଲା। କେତେକ ବିଲରେ ଧାନଗଜାରୁ ଗଛ ହୋଇଆସୁଥିବା ବେଳେ ଆଉ କେତେକ ସ୍ଥାନରେ ଧାନଗଛଗୁଡିକ ବର୍ଷା ଅଭାବରୁ ନଷ୍ଟ ହୋଇ ଆସୁଥିଲା, ଯାହାକି ଚାଷୀମୁଣ୍ଡରେ ଚଡକ ପକାଇଥିଲା। ମାତ୍ର ଲଘୁଚାପ ବର୍ଷା ଚାଷୀ ମନରେ ପୁଣି ହସ ଫୁଟାଇଛି ବୋଲି କହିଛନ୍ତି ଚାଷୀ ଲିଙ୍ଗରାଜ ସାହୁ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୧୭

# ପଞ୍ଚ ବଦନାୟ ନମୋ ନମଃ...



'ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି । ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି । ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା – ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି । ସେହିପରି କଳ୍କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ । ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ । ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ । ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ; କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି । ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି । ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ । ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆବିର୍ଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତାଳପୁରରୁ ଉଦ୍ଧାର କରିଥିଲେ । କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରଧନା କରିଥାନ୍ତି । ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ । ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ । କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ । ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ ।



ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ । କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ । ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି । ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ । ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ । ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ । ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା'ସୀତାଙ୍କ ସନ୍ଧାନ ପାଇଥିଲେ । କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ । ନାଗଫାସରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନଙ୍କୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି । କପିମୁଖ ହନୁମାନଙ୍କ ପୂଜା ଆରଧାନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଳେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ । ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ । ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ । ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ । ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା'ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ । ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ । ଏହା ସକଳ ବିଘ୍ନ ନିବାରକ ମଧ୍ୟ । ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ । ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି । କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ । ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ । ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ । ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଦ୍ଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ । ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ । ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ । ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ । ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ । ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ । ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ । ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ । ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରଧାନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ । କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ । ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ । ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା । ଜୟ ବୀର ହନୁମାନ ।

**–ନାଟ୍ୟସାରଥି ଅଭୟ କୁମାର ଦାସ**

*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଇତିହାସରେ ଆମ ଶାସନ ଓ ସ୍ୱାଧିନତା



ଅକ୍ଷୟ କୁମାର ରାଉତ

ଆମ ଦେଶ ଭାରତ , ତାର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତର ରେ ହିମାଳୟ . ଦକ୍ଷିଣ ରେ ଭାରତ ମହାସାଗର , ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର , ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତ ର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ ,ସଭ୍ୟତା ଓ ସଂକୃତି ରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତର କୁ ପଶି ଆସିଲେ । ଉଭୟ ଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ , ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା ।

ଭାରତ କୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ । ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତ କୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟ ଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା– ଶକ୍ , ପଲ୍ଲବ ,ଇଉଚି ,ହୁଣ , କୃଶାଣ , ଗୁର୍ଜ୍ଜର ଓ ତାତାର ମାନଙ୍କ ଦ୍ୱାରା , ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତ କୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲ ରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତ କୁ ଭଲପାଇ ଭାରତରେ ରହିଗଲେ ।

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତ୍ତୁଗୀଜ , ଓଲନ୍ଦାଜ . ଦିନାମାର , ଫରାସି ଓ ଇଂରେଜ ମାନେ , ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତ୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ , ଦାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ ,ମାହେ ଓ ଚନ୍ଦନ ନଗର , ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ ,ବମ୍ବେ ଓ କଲିକଟ୍ ।

ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ । ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ ,ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରୀ କଲେ । ସେହି ଗାଆଁ ତିନୋଟି କୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ ।

ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା । ସେନାପତି ମିରର୍ଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ , ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍‌କାଶିମ୍ କୁ ବଙ୍ଗଳା ର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜ ମାନେ ମିରକାଶିମ୍ ଙ୍କୁ ଆକ୍ରମଣ କଲେ । ମିର୍‌କାଶିମ୍ ପଳେଇ ଯାଇଁ ଅଯୋଧ୍ୟା ର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମ ଙ୍କ ସାହାର୍ଯ୍ୟ ଲୋଡ଼ିଲେ ।ତିନି ଶକ୍ତି ମାନଙ୍କ ବକ୍‌ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପ୍ରରାସ୍ତ ହେଲେ ଓ ମିରର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶ୍ୱର ର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶ୍ୱର ଇଂରେଜ ମାନଙ୍କ ହାତକୁ ଗଲା ।

ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ । ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ । ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ । ପାଇକ ମାନଙ୍କ ର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନ କୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହ କୁ ଦମନ କରି ଦେଲେ ।

ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ ।ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ , ରାଜା କନ୍‌ୱାର ସିଂହ , ସମ୍ବଲପୁର ର ବୀର ସୁରେନ୍ଦ୍ର ସାଏ , ରାଣୀ ଲକ୍ଷ୍ମୀବାଇ , ମରହଟ୍ଟା ବୀର ରାଓ ସାହେବ , ତାଁିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ ।

ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାଂ'ରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ , ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସର କୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।

ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା । ଏହା ଥିଲା ଭାରତରେ ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ ।

ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧ ରେ ଟଳି ପଡ଼ିଲେ । ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟାକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପି ଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତନ୍ତିଆ ଟୋପି ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା । ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ । ସେମାନେ ହେଲେ ରାଜା ରାମମୋହନ ରାୟ , ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର , ସ୍ୱମୀ ଦୟାନନ୍ଦ ସରସ୍ୱତୀ , ରାମକୃଷ୍ଣ ପରମହଂସ , ସ୍ୱାମୀ ବିବେକାନନ୍ଦ , ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି , ସତୀଦାହ ପ୍ରଥା , ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଛେଦ କରି ଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣ କୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ , ଦୂର୍ଦ୍ଦଶା, ଆପତି ଓ ଅଭିଯୋଗ ଇଂରେଜ ସରକାର ଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍ ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସ ର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ । ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନ ର ମୂଳଦୁଆ ଭାରତରେ ପଡ଼ିଲା । ବଙ୍ଗ ,ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ , ବିହାର , ଓଡ଼ିଶା କୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ , ଆସାମ କୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା ।ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା 'ବନ୍ଦେ ମାତରମ'' ସଂଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ 'ବନ୍ଦେ ମାତରମ'' ନାରାବାଜି ଆରମ୍ଭ ହୋଇଗଲା । 'ବନ୍ଦେ ମାତରମ'' ଆନ୍ଦୋଳନ ର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି , ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର 'ସ୍ୱଦେଶୀ ଆନ୍ଦୋଳନ ବା 'ବନ୍ଦେ ମାତରମ'' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମ ଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୁସଲିମ୍ ଲିଗ୍'' ର ପ୍ରଭାବ 'ବନ୍ଦେ ମାତରମ'' ଉପରେ ପଡ଼ି ପାରି ନ ଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟୋ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍ କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶା କୁ ଗୋଟିଏ ପ୍ରଦେଶ । ଆସାମ କୁ ଗୋଟିଏ ପ୍ରଦେଶ ଓ ବଙ୍ଗଳା କୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଳକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ଦାଦା ଭାଇ ନୌରୋଜୀ । ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ । ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାଂ 'ହୋମ୍ ରୁଲ'' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାଂଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାର ଙ୍କ ଅତ୍ୟାଚାର ରୁ ରକ୍ଷା କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ । ହେଲେ 'ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର'' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶା କୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ 'ରାଓଲାଟ ଆଇନ୍' କୁ ଭାରତରେ ବିରୋଧ କରାଗଲା । ପାବ ର ଜାଲିଆନାୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ ,ପୁରୁଷ ଓ ଶିଶୁ ମିଶି ଦୁଇ ହଜାର ରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକ ର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାର ଙ୍କୁ ତାଙ୍କର 'ନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀ ଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟ ର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍ ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । 'ସ୍ୱରାଜଦଳ' ର ନେତା ମୋତିଲାଲ ନେହେରୁ ,ଦେଶବନ୍ଧୁ ଚିତରନ ଦାସ , ଜାତୀୟ କଂଗ୍ରେସ ର ଜହାରଲାଲ ନେହେରୁ , ସୁବାଷ ଚନ୍ଦ୍ର ବୋଷ , ବଲ୍ଲଭଭାଇ ପଟେଲ , ଗୋବିନ୍ଦ ବଲ୍ଲଭ ପନ୍ଥ , ରାଜେନ୍ଦ୍ର ପ୍ରସାଦ , ରାଜ ଗୋପାଳ ଚାରୀ , ମୌଲାନା ଆବୁଲ୍‌କାଲମ , ଅବଦୁଲ ଗଫୁର ଖାଁ , ଲାଲା ଲାଜପତ ରାୟ , ଗୋପବନ୍ଧୁ ଦାସ , ନୀଳକଣ୍ଠ ଦାସ , ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନ କାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଧମ ସିଂହ ଫାଶୀ ପାଇଗଲେ । ୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା ।'ସାଇମନ୍ ଫେରିଯାଅ'' । କିଂ ସାଇମନ୍ ବ୍ରିଟିଶ ସରକାର ଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧି ଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍ ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶ ରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁବାଷ ବୋଷ କଂଗ୍ରେସ ଛାଡି 'ଫରୱାର୍ଡ଼ ବ୍ଲକ୍'' ନାମରେ ଏକ ଅଲଗା ଦଳ ଗଠନ କଲେ । ୧୯୩୯ ମସିହାରେ ଜାତିୟ କଂଗ୍ରେସ କୁ ନ ପଚାରି ବଡ଼ଲାଟ୍ ଭାରତ କୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ ।୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ 'ଆଜଦ୍ ହାନ୍ଦ ଫଉଜ'' ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁବାଷ ବୋଷ ଜାପାନ୍ ସାହାର୍ଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । 'ଆଜଦ୍ ହାନ୍ଦ ଫଉଜ'' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ , ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୂର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନ ଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନ ଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ତାନ ଦୁଇ ଭାଗ କରି ଦୁଇଟି ଦେଶ କୁ ସ୍ୱାଧିନତା ଦେଇ ଦେଲେ ।ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା ।

ଗୋପବନ୍ଧୁ ଙ୍କ ଭାଷାରେ–

' ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି

*ପାରାଦ୍ୱୀପ ଗଡ଼, କୁଜଙ୍ଗ*
*ଜଗତସିଂହପୁର,ଓଡ଼ିଶା*
*ମୋ–୯୯୩୭୬୯୧୪୭୫*

# ସମାଜ ସଂସ୍କାରକ ଡ. ଆମ୍ବେଦକର

ସର୍ବେଶ୍ୱର ବେହେରା





ଡ. ଭୀମରାଓ ଆମ୍ବେଦକର ଜଣେ ଉଚ୍ଚକୋଟୀର ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନୈତିକ ନେତା ଓ ଅର୍ଥନୀତିଜ୍ଞ ଥିଲେ । ସେ ମୁମ୍ବାଇସ୍ଥିତ ଏଲ୍‌ଫିଷ୍ଟନ କଲେଜରୁ ବି.ଏ, କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏମ୍.ଏ ଓ ପିଏଚ.ଡି, ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ଏମ୍.ଏସସି ଓ ଡି.ଏସସି (ବାର ଆଟ ଲ ବା ବାରିଷ୍ଟର) ହାସଲ କରିଥିଲେ । ତାଙ୍କର ଡକ୍ଟରେଟର ଥେସିସ୍ ଥିଲା 'ଆଡମିନିଷ୍ଟ୍ରେସନ ଆଣ୍ଡ ଫାଇନାନ୍ସ ଅଫ ଇଷ୍ଟ ଇଣ୍ଡିଆ କମ୍ପାନୀ'; ଯେଉଁଥିରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀ କିପରି ଭାରତକୁ ଲୁଟ ଓ ଶୋଷଣ କରୁଥିଲା ସେ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ସେହିପରି ଅନ୍ୟ ଏକ ଥେସିସର ଶୀର୍ଷକ ଥିଲା- 'ପ୍ରୋବ୍ଲେମ ଅଫ ରୁପି' । ଏଥିରେ ମଧ ଇଂରେଜମାନେ ଭାରତର ଅର୍ଥନୀତିକୁ କିପରି ଧରାଶାୟୀ କରିଥିଲେ ତା'ର ବିଶଦ ବର୍ଣ୍ଣନା କରିଛନ୍ତି । ସ୍ୱାଧୀନତା ଆନ୍ଦୋଳନର ତତ୍କାଳୀନ ସମୟରେ କେବଳ ତିନିଜଣ ଅର୍ଥନୀତିଜ୍ଞ ଇଂରେଜମାନଙ୍କ ଭାରତର ଶୋଷଣ ନୀତିକୁ ନିଜର ଲେଖନୀ ମୁନରେ ଶାଣିତ କରିଥିଲେ । ପ୍ରଥମରେ ଶ୍ରୀ ଦାଦା ଭାଇ ନାରୋଜୀ (୧୮୨୫-୧୯୧୭) 'ପଭର୍ଟି ଅଫ ଇଣ୍ଡିଆ' ପୁସ୍ତକ ୧୮୭୩ରେ ରଚନା କରିଥିଲେ । ଦ୍ୱିତୀୟରେ ଶ୍ରୀ ରମେଶ ଚନ୍ଦ୍ର ଦତ୍ତ (୧୮୪୮-୧୯୦୯) 'ଦି ଇକୋନୋମିକ୍ସ ହିଷ୍ଟ୍ରି ଅଫ ଇଣ୍ଡିଆ' ୧୮୯୩ରେ ରଚନା କରିଥିଲେ । ତୃତୀୟରେ ଡ. ଆମ୍ବେଦକର ଇଂରେଜ-ମାନଙ୍କର ଭାରତକୁ ଶୋଷଣ କରିବା ଅର୍ଥନୀତିକୁ ନିଜର ଲେଖା ମାଧ୍ୟମରେ ପ୍ରବଳ ବିରୋଧ କରିଥିଲେ । ଶ୍ରୀ ଦାଦାଭାଇ ନାରୋଜୀ ଓ ଶ୍ରୀ ରମେଶ ଚନ୍ଦ୍ର ଦତ୍ତ ଅର୍ଥନୀତିଜ୍ଞ ଥିଲେ, କିନ୍ତୁ ଡ. ଆମ୍ବେଦକର ରାଜନୀତିଜ୍ଞ ସହିତ ଅର୍ଥନୀତିଜ୍ଞ ଥିଲେ । ଡ. ଆମ୍ବେଦକର ୧୯୨୦ ମସିହାରେ 'ମୂକନାୟକ' ନାମକ ପାକ୍ଷିକ ପତ୍ରିକା ଆରମ୍ଭ କରିଥିଲେ । ୧୯୨୭ ମସିହାରେ ସେ 'ବହିଷ୍କୃତ ଭାରତ' ନାମକ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ । ସେହି ବର୍ଷ ସେ 'ଜନତା' ନାମକ ସାପ୍ତାହିକ ପତ୍ରିକା ମଧ ଆରମ୍ଭ କରିଥିଲେ, ଯାହାର ନାମ ସେ ୧୯୫୬ ମସିହାରେ ପରିବର୍ତ୍ତନ କରି 'ପ୍ରବୁଦ୍ଧ-ଭାରତ' ରଖିଥିଲେ । ପ୍ରକାଶ ଥାଉକି ସ୍ୱାମୀ ବିବେକାନନ୍ଦ ୧୮୯୬ ମସିହାରେ ଯେଉଁ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ, ତାହାର ନାମ ମଧ 'ପ୍ରବୁଦ୍ଧ ଭାରତ' ଥିଲା । ବୋଧହୁଏ ଦୁଇଜଣଙ୍କ ମନରେ ଭାରତ ଜାଗରଣର ଭାବନା ସମାନ ଥିଲା । ସକ୍ରିୟ ରାଜନୀତିରେ ଲିପ୍ତ ରହି ସମ୍ବାଦପତ୍ର ପରିଚାଳନା କରି ସେଥିରେ ନିଜର ନିୟମିତ ଲେଖା ପ୍ରକାଶନ କରିବାର ବିରଳ ବ୍ୟକ୍ତିତ୍ୱ ଆମ୍ବେଦକରଙ୍କଠାରେ ଥିଲା । ଡ. ଆମ୍ବେଦକର 'ମୂକ ନାୟକ' ପତ୍ରିକା ପ୍ରକାଶନ କରିବାର ଯଥାର୍ଥତା ପ୍ରତିପାଦନ କରି ୧୯୨୦, ଜାନୁଆରୀ ୩୦ ତାରିଖର ସମ୍ପାଦକୀୟରେ ଉଲ୍ଲେଖ କରିଥିଲେ ଯେ 'ଦେଶର ଅସ୍ପୃଶ୍ୟ ସମାଜ ନାୟକ ବା ସେମାନେ ହିରୋ, କିନ୍ତୁ ସେମାନେ ମୂକ । ଦୀର୍ଘଦିନ ଧରି ଅବହେଳାର ଶିକାର ହୋଇ ସେମାନେ ଆଜି ମୂକ ପାଲଟିଛନ୍ତି । ଏହି 'ମୂକ ନାୟକ' ପତ୍ରିକାରେ ସେମାନଙ୍କ ସ୍ୱର ଦୃଢ଼ ଓ ମୁଖର ହୋଇ ଉଠିବ । ୧୯୨୦ ମସିହାରେ କଂଗ୍ରେସର ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହୋଇଥିଲା । କଂଗ୍ରେସର ସମସ୍ତ ନେତାମାନେ ସ୍ୱରାଜ ଆନ୍ଦୋଳନରେ ଲିପ୍ତ ଥିଲେ । ସେହି ସମୟରେ ୧୯୨୦ ଫେବୃଆରୀ ୨୮ ତାରିଖରେ ଡ. ଆମ୍ବେଦକର 'ମୂକ ନାୟକ' ପତ୍ରିକାରେ ସ୍ୱରାଜ୍ୟ ସମ୍ବନ୍ଧରେ ଏକ ସୁନ୍ଦର ଲେଖା ପ୍ରକାଶ କରିଥିଲେ । ସ୍ୱରାଜ୍ୟ ଆମ ପାଇଁ କେତେଦୂର ଯଥାର୍ଥ ? କାରଣ ଆମ ପରି ଅସ୍ପୃଶ୍ୟ ଜାତିର ଲୋକମାନଙ୍କ ସମ୍ପର୍କ ସ୍ୱରାଜ୍ୟ ସହିତ ନାହିଁ । ସ୍ୱରାଜ୍ୟ ଆସିଲେ ଆମେ କ'ଣ ସମାଜର ମୁଖ୍ୟଧାରାରେ ସାମିଲ ହୋଇପାରିବା ? କଂଗ୍ରେସ ସ୍ୱରାଜ୍ୟର ଦାବି ଉପସ୍ଥାପନ କରିବା ସମୟରେ ଆମ ପରି ଅସ୍ପୃଶ୍ୟ ସମାଜକୁ ଘୋର ଅବହେଳା କରୁଛି । ଡ. ଆମ୍ବେଦକର ଏହି ଲେଖାରେ ସ୍ୱରାଜ୍ୟ ନିମିତ୍ତ ୯ଟି ସୂତ୍ର ଉପସ୍ଥାପନ କରିଥିଲେ । ୧. ବ୍ୟକ୍ତି ସ୍ୱାଧୀନତା, ୨. ବ୍ୟକ୍ତିର ସୁରକ୍ଷା, ୩. ବ୍ୟକ୍ତି ନିଜର ସମ୍ପତ୍ତି ରକ୍ଷା କରିବା ଅଧିକାର, ୪. ଆଇନ ଅଧୀନରେ ସମସ୍ତେ ସମାନ, ୫. ବାକ୍ ସ୍ୱାଧୀନତା, ୬. ସମସ୍ତଙ୍କୁ ଭୋଟ ଦେବାର ଅଧିକାର, ୭. ସଭା ସମିତି କରିବାର ସ୍ୱାଧୀନ ଅଧିକାର, ୮. ସରକାର ଗଠନ କରିବାରେ ନିଜର ପ୍ରତିନିଧି ବାଛିବାର ଅଧିକାର, ୯. ସରକାରୀ ଚାକିରି ହାସଲରେ ସମାନତା । ୧୯୨୦ ଜୁନ ୫ ତାରିଖ ସମ୍ପାଦକୀୟରେ ନିଜର କ୍ଷୋଭକୁ ପ୍ରତିପାଦନ କରି ସେ ଉଲ୍ଲେଖ କରିଥିଲେ- ''ସମସ୍ତ ଭାରତବାସୀ ଭଗବାନଙ୍କୁ ପୂଜା ଓ ଆରାଧନା କରନ୍ତି । ଏହି ପୂଜାରେ ଅସମାନତା ନାହିଁ । ସମସ୍ତେ ମନର ଶାନ୍ତି ପାଇଁ ବିଭିନ୍ନ ଉପାସନା ମାଧ୍ୟମରେ ଭଗବାନଙ୍କୁ ଆରାଧନା କରିଥାଆନ୍ତି । ଯଦି ଭଗବାନଙ୍କ ଚକ୍ଷୁରେ ସମସ୍ତେ ସମାନ, ତେବେ ସବର୍ଣ୍ଣମାନେ ଅସବର୍ଣ୍ଣମାନଙ୍କ ଉପରେ ଏପରି ପଶୁତୁଲ୍ୟ ଆଚରଣ କାହିଁକି କରୁଛନ୍ତି ? ଏପରି ଅନ୍ୟାୟକୁ ଭଗବାନ କିପରି ସହ୍ୟ କରୁଛନ୍ତି ? ଆମେ କ'ଣ ମନୁଷ୍ୟ ନୋହୁଁ ? ଆମେ ମଧ ମାତଙ୍ଗ ଋଷି, ସନ୍ଥ ରହୀଦାସ ଓ ଚୋଖମେଳାଙ୍କ ବଂଶଜ । ଆମର ବଂଶ ପରମ୍ପରା ସମାନ । ତେବେ ଭଗବାନ କାହିଁକି ଏହି ଅନ୍ୟାୟ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦଣ୍ଡବିଧାନ କରୁନାହାନ୍ତି ?'' ୧୯୨୭ ମସିହାରେ ସେ ବହିଷ୍କୃତ ଭାରତ ପତ୍ରିକାରେ ଅସ୍ପୃଶ୍ୟତା ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ସମ୍ପାଦକୀୟକୁ ଚାରିଟି ଭାଗରେ ବିଭକ୍ତ କରାଯାଇପାରେ । ୧. ହିନ୍ଦୁତ୍ୱର ଦର୍ଶନ, ୨. ଅସ୍ପୃଶ୍ୟତା ଓ ବର୍ଣ୍ଣ ବ୍ୟବସ୍ଥା, ୩. ଅସ୍ପୃଶ୍ୟମାନଙ୍କର ଆର୍ଥିକ ସମସ୍ୟା, ୪. ଅସ୍ପୃଶ୍ୟମାନଙ୍କର ରାଜନୈତିକ ଅଧିକାର । ୧୯୨୭ ଏପ୍ରିଲ ୨୨ ତାରିଖରେ ବହିଷ୍କୃତ ସମାଜରେ ଏହି ଚାରୋଟି ବିଷୟରେ ଉଲ୍ଲେଖ କରି ହିନ୍ଦୁତ୍ୱରେ ଥିବା ରୋଗର ନିଦାନ କରିଥିଲେ । ସେ ଲେଖିଥିଲେ ହିନ୍ଦୁତ୍ୱ ଦର୍ଶନରେ ସମାନତା ଅଛି, ଯାହା ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମରେ ନାହିଁ । ହିନ୍ଦୁତ୍ୱ ଦର୍ଶନରେ ଆମେ ସମସ୍ତେ ଅମୃତର ସନ୍ତାନ ଦର୍ଶାଯାଇଛି । 'ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି' ଓ 'ସର୍ବେ ଭବନ୍ତୁ ସୁଖୀନଃ'ର ଦର୍ଶନ କେବଳ ହିନ୍ଦୁତ୍ୱରେ ରହିଛି । କେହି ଉଚ୍ଚ-ନୀଚ ନୁହେଁ, ସମସ୍ତେ ସମାନ । ଯଦି ଆମର ଦର୍ଶନ ଏତେ ମହାନ ତେବେ ଆମର ଆଚରଣ କାହିଁକି ଏତେ ନୀଚ ? ଆମର ଦର୍ଶନ ଓ ଆଚରଣରେ ଏପରି ପାର୍ଥକ୍ୟ କାହିଁକି ପରିଲକ୍ଷିତ ହେଉଛି ? ଅସ୍ପୃଶ୍ୟତା ଏକ କଳଙ୍କ, ଆମେ ସମସ୍ତେ ଏହାକୁ ସମୂଳେ ଉତ୍ପାଟନ କରିବା ଆବଶ୍ୟକ । ଡ. ଆମ୍ବେଦକର ୧୯୧୬ ମସିହାରେ 'କାଷ୍ଟ୍ ଇନ ଇଣ୍ଡିଆ' ନାମକ ଏକ ଗବେଷଣାମୂଳକ ଲେଖା ପ୍ରକାଶ କରିଥିଲେ । ସେଥିରେ ଦଳିତ ସମସ୍ୟାର ଉତ୍ପତ୍ତି କିପରି ହୋଇଥିଲା, ଏହା କିପରି ସମାଜରେ ବ୍ୟାପିଥିଲା ଓ ତା'ର ନିରାକରଣ ସମ୍ବନ୍ଧରେ ବିସ୍ତୃତ ଉଲ୍ଲେଖ କରିଥିଲେ । ସେଥିରେ ସେ ଉଲ୍ଲେଖ କରିଥିଲେ ଯେ ଏହା ଆର୍ଯ୍ୟ, ଦ୍ରାବିଡ଼ ଓ ଅନାର୍ଯ୍ୟ ସମସ୍ୟା ନୁହେଁ । ସବର୍ଣ୍ଣମାନେ ଯଦି ହିନ୍ଦୁ ସନାତନ ସଂସ୍କୃତି ଆଧାରରେ ଆଚରଣ କରିବେ ତେବେ ଏହାର ସମାଧାନ ହେବ । ସେହିପରି ୧୯୩୬ ମସିହାରେ ସେ 'ଆନିହିଲେସନ ଅଫ କାଷ୍ଟ' ନାମକ ପୁସ୍ତକ ରଚନା କରିଥିଲେ । ସେଥିରେ ସେ ବିଶଦ ଭାବେ ଉଲ୍ଲେଖ କରିଥିଲେ ଯେ ଭାରତରେ ଜାତିପ୍ରଥା ଉନ୍ମୂଳନ କରିବାକୁ ହେଲେ ସମସ୍ତଙ୍କୁ ଆନ୍ତରିକତାର ସହ ପ୍ରଚେଷ୍ଟା କରିବାକୁ ହେବ । ୧ ହିନ୍ଦୁ ସମାଜ ବିରୁଦ୍ଧରେ ସେ କୌଣସିଠାରେ ସ୍ୱର ଉତ୍ତୋଳନ କରିନାହାନ୍ତି । ଶେଷରେ ସେ ୧୯୫୬ ମସିହାରେ ନିଜେ ବହୁ ସଂଖ୍ୟାରେ କୌଣସି ମୌଳବାଦୀ ଧର୍ମରେ ଦୀକ୍ଷିତ ନ ହୋଇ ବୌଦ୍ଧଧର୍ମକୁ ସ୍ୱୀକାର କରିଥିଲେ ।

*–ଆଡଭୋକେଟ ଖଟବିନ ସାହି, କଟକ*
*ମୋ–୯୪୩୭୦୧୬୩୮୪*




# ଜିଲ୍ଲା ସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳନ

ଝାରସୁଗୁଡ଼ା ,(ପି.ଏନ): ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆ ଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲାପାଳ ସରୋଜ କୁମାର ସାମଲ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ ସହ ଉପସ୍ଥିତ ପୁଲିସ ବାହିନୀର ଅଭିବାଦନ ଗ୍ରହଣ କରିଥିଲେ । କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ସହ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତେ ଆନ୍ତରିକତାର ସହ କର୍ତବ୍ୟ ନିର୍ବାହନ ସକାଶେ ଆହ୍ୱାନ ଦେଇଥିଲେ । ୧୯୪୭ରେ ଆମେ ପାଇଥିବା ସ୍ୱାଧୀନତା କେବଳ ରାଜନୈତିକ ସ୍ୱାଧୀନତା ନ ଥିଲା , ଏହା ସ୍ୱାଭିମାନ ଓ ବିଜୟର ସ୍ୱାଧିନତା ଥିଲା ବୋଲି ମୁଖ୍ୟ ଅତିଥି କହିଥିଲେ । ଦେଶ ସ୍ୱାଧୀନତାରେ ଓଡ଼ିଶାର ବିଶେଷ ଭୂମିକା ଥିବାର ଉଲ୍ଲେଖ କରି ପଶ୍ଚିମ ଓଡ଼ିଶାର ଅବଦାନ କିଛି କମ ନୁହେଁ ବୋଲି କହିଥିଲେ । ବିଶେଷ କରି ଝାରସୁଗୁଡ଼ା ମାଟିର ସନ୍ତାନ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସାମଲ, ୍ବୀର ସୁରେନ୍ଦ୍ର ସାଏ , ଫତେ ସିଂହ , ଗଣେଶ ରାମ ଉପାଧ୍ୟାୟ , କରୁଣାକର ସିଂ ନାଏକ , ଗୋବିନ୍ଦ ସିଂହ ,ଲକ୍ଷ୍ମୀନାରାୟଣ ମିଶ୍ର , ଚିନ୍ତାମଣି ପୂଜାରୀ , ବିହାରୀ ରାମ ତନ୍ତୀ ଓ ମହାବୀର ସିଂ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ମୃତି ଚାରଣ କରିଥିଲେ ।ଆୟୋଜିତ ସମାରୋହରେ ରିଜର୍ଭ ପୁଲିସ ଓ ଓଡିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ସମେତ ପୁଲିସ ବ୍ୟାଣ୍ଡ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ । ମୁଖ୍ୟ ଅତିଥିଙ୍କ ସହ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଉପସ୍ଥିତ ଥିଲେ । ମିଳିତ ପୁଲିସ ବାହିନୀର ନେତୃତ୍ୱ ନେଇଥିଲେ ରିଜର୍ଭ ଇନିସ୍ପେକ୍ଟର ନୀଳମାଧ୍ୱ ସ୍ୱାଇଁ । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ୩ଜଣ ଜଙ୍ଗଲ ବିଭାଗର ଜଣେ , ଓରମାସରୁ ୩ଜଣ, ଓ ଏଲ୍ ଏମ୍ ରୁ ୬ଜଣ ଓ ୫ଜଣ ଗ୍ରାମ ରୋଜଗାର ସେବକଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଜିଲ୍ଲାପାଳ ମଙ୍ଗଳ ବଜାର ସ୍ଥିତ ମ୍ୟୁନିସିପାଲିଟି ଅଡିଟୋରିଅମ ଠାରେ ୟଙ୍ଗ ଷ୍ଟାର ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ କରିଥିଲେ । ଲାୟନ୍ସ କ୍ଲବ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଚିକିତ୍ସାଧୀନ ରୋଗୀ ଓ ମାତୃମଙ୍ଗଳ କେନ୍ଦ୍ରରେ ଫଳ ଓ ମିଷ୍ଟାନ୍ନ ବଂଟନ କରିଥିଲେ । ସେହିପରି ଜିଲ୍ଲା ଉପ କାରାଗାରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଇ ତ ଜୀବନ ଭି ଓ ମାରବାଡି ଯୁବ ମଂଚ ଦ୍ୱାରା ଫଳ ଓ ମିଷ୍ଟାନ୍ନ ବଂଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝୀ ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ , ଓ ଏସ ଏ ପି ୨ୟ ବାଟାଲିଅନ କମାଣ୍ଡାଂଟ ଆଶିଷ ଦୁବେ ,ପି ଡି ( ପୁନର୍ବାସ ଓ ଥଇଥାନ ) ଆଲମଣି ସେଠୀ , ଡେପୁଟି କଲେକ୍ଟର ଗିତିକା ନାଏକ ଉପସ୍ଥିତ ଥିଲେ ।

# ପାଟଣାଗଡ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ

ବଲାଙ୍ଗିର,(ପି.ଏନ): ପାଟଣାଗଡ଼ ଉପଖଣ୍ଡ ସ୍ତରୀୟ ୭୬ ତମ ସ୍ୱାଧିନତା ଦିବସ ସ୍ଥାନୀୟ ରମାଇଁ ହାଇସ୍କୁଲ ଖେଳ ପଡିଆ ଠାରେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ କୋଭିଡ କଟକଣା ଓ ସାମାଜିକ ଦୂରତା ମଧ୍ୟରେ ଉପଖଣ୍ଡ ସ୍ତରୀୟ ୭୬ତମ ସ୍ୱାଧିନତା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷରୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସମଗ୍ର ସହରରେ ରାମଧୁନ ପରିବେଷଣ କରାଯାଇଥିଲା । ସକାଳ ୭ ଘଂଟ ସମୟରେ ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତୋଳନ ହୋଇଥିଲା । ପରେ ପରେ ସ୍ଥାନୀୟ ସହରର ବିଭିନ୍ନ ଛକ ଗୁଡିକଥିବା ମହାପୁରୁଷ ଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ରମାଇଁ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ତହସିଦାର ଡ଼ ପୁଷ୍ପାଞ୍ଜଳି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହିତ ଦେଶ ଓ ଜାତି ଉଦେଶ୍ୟରେ ଅଭିଭାଷଣ ରଖିଥିଲେ । ମହାମାରୀ କରୋନା ଭୁତାଣୁ ଏବଂ ସରକାରଙ୍କ ନିୟମକୁ ପାଳନ କରି ଚଳିତ ବର୍ଷ ସାମୁହିକ ପ୍ୟାରେଡ଼ ହୋଇନାହିଁ ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଡାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ବ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାରଣ ମଧ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ମାହେଶ୍ୱରୀ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ୨୦୦ ମିଟର ଲମ୍ବା ସହନଶୀଳତା, ଏକତା ଓ ଅଖଣ୍ଡତାର ତ୍ରିରଙ୍ଗା ଯାତ୍ରା

ବଲାଙ୍ଗିର,(ପି.ଏନ): ଆଜି ସ୍ୱାଧିନତା ଦିବସ ଅବସରରେ ମାହେଶ୍ୱରୀ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ୨୦୦ ମିଟର ଲମ୍ବା ସହନଶୀଳତା, ଏକତା ଓ ଅଖଣ୍ଡତାର ତ୍ରିରଙ୍ଗା ଯାତ୍ରା ବଲାଙ୍ଗିର ର ବିଭିନ୍ନ ଅନୁଷ୍ଠାନ ଓ ବଲାଙ୍ଗିରବାସୀ କୋସଲ କଳା ମଣ୍ଡପ ଠାରୁ ବାହାରି ସମ୍ପୂର୍ଣ୍ଣ ସହରର ପରିକ୍ରମା କରିଅଛି ଓ ସମସ୍ତେ ଭାଇଚାରା ଓ ଏକତ୍ୱର ପରିଚୟ ଦେଇଛି ସର୍ବଦା ରାଷ୍ଟ୍ର ପ୍ରଥମ । ମାହେଶ୍ୱରୀ ସଂଗଠନର ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ଏବଂ ସଭାପତି ଶୋଭନ କୁମାର ଅଗ୍ରୱାଲ ସମସ୍ତ ସାମାଜିକ ଏବଂ ଶିକ୍ଷାନୁଷ୍ଠାନ ତଥା ବଲାଙ୍ଗିର ର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ବିଶାଳ ର?ୟାଲିରେ ବଲାଙ୍ଗିର ର ପୌରାଧ୍ୟକ୍ଷା ଲିକା ସାହୁ, ମାରୱାଡି ଯୁବା ମଂଚ ଏବଂ ସମୃଦ୍ଧି ଶାଖା, ପଶ୍ଚିମ ଓଡିଶା ଯୁବା ମଂଚ, ନାଗରିକ କମିଟି, ବିଡିଜିଏ, ପୂର୍ବତନ ସୈନିକ ସଂଘ, ସଚେତନ ମହିଳା ମଂଚ, କେବିକେ ଆଇଟିଆଇ, ଦାସ ଟ୍ୟୁଟୋରିଆଲ, ଲଳିତ ନାୟକ ଫାଉଣ୍ଡେସନ, କୁମାର ଇଲେକ୍ଟ୍ରିକାଲର କର୍ମଚାରୀ, ସମଲେଶ୍ୱରୀ ମନ୍ଦିର ଆଳତି କମିଟି, ୟୁଥ୍ ଏକ୍ସନ କମିଟି, ପିକେ ଏସୋସିଏଟ, ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ, ରୋଟାରି ଇନ୍?ଲାଇଟ ଉପସ୍ଥିତ ଥିଲେ । ମାହେଶ୍ୱରୀ ର ଉପଦେଷ୍ଟା ଲୋଟସ ଷଡଙ୍ଗୀ, ଦିନେଶ ଶର୍ମା, ବ୍ୟାସଦେବ ନନ୍ଦ, ସିଆରପିଏଫ୍ କମାଣ୍ଡେଂଟ ପବନ ତିୱାରି, ସେକେଣ୍ଡ କମାଣ୍ଡେଂଟ ପିତବାସ ପଣ୍ଡା, ଏସିଷ୍ଟେଣ୍ଡ କମାଣ୍ଡେଂଟ ନୀନା ଶର୍ମା, ଡାକ୍ତର ରାକେଶ କୁମାର, ପିଆରଓ ତେଜରାଜ ମିଶ୍ର, ପ୍ରଭାସ ପାଣିଗ୍ରାହି, ଉଦିତ ପଣ୍ଡା, ଚାଇନା ମହାନ୍ତି, କୁନୁ ପଣ୍ଡା, ରଂଜିତା ପାଣିଗ୍ରାହୀ, ରଶ୍ମିରେଖା ଦାନି, ବନଶ୍ରୀ ଆଚାର୍ଯ୍ୟ, ଶ୍ରେୟା ସାହୁ, ମନୋଜ ଜୈନ, ମନୋରଂଜନ ସାହୁ, ରାମଶଙ୍କର ଶତପଥି, ବିନୋଦ କାଲସାଏ, ଅଭିଷେକ ଦାଶ, ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଶତପଥି, ଅମିତ ନାୟକ, ସଂଜୟ ଅଗ୍ରୱାଲ, ସନ୍ଦୀପ ବାଗ, ଅମିତ ଚୌଧୁରୀ, ସୀମା ଜୈନ, ସୁଷମା ଅଗ୍ରୱାଲ, ରିତେଶ ଅଗ୍ରୱାଲ, ବିରେନ ଅଗ୍ରୱାଲ, ଆଶିଷ ଚୌଧୁରି, ବିକାଶ ସା, ମନୋରଂଜନ ଝାଙ୍କର, ରାହୁଲ ସାହୁ, ରିଙ୍କୁ ପାତ୍ର, ପ୍ରିୟଙ୍କା ପଟ୍ଟନାୟକ, ସୋନିଆ ବେଜ, କିର୍ତି କେସ୍ୱାମୀ, କ୍ରିତିକା ଅଗ୍ରୱାଲ, ଅଙ୍କିତା ପଟ୍ଟନାୟକ, ନିକିତା ପଟ୍ଟନାୟକ, ସୁଷମା ବହିଦାର, ପଦ୍ମାଳୟା ବାରିକ, ସୁଭଦ୍ରା ବାରିକ, ସୌମ୍ୟ ରଂଜନ ପଣ୍ଡା, ସାହିଲ ସିଂ ଗଡତ୍ୟା, ସୁମିତ ରାଓ, ସଚିଦାନନ୍ଦ ମିଶ୍ର, ସୌମ୍ୟ ରଂଜନ ବେହେରା, ପ୍ରିତିଶ ସାହୁ, ସୋମନାଥ ଘିବେଲା, ରିତେଶ ଅଗ୍ରୱାଲ, ରାଜ ବାଲୁକେଶ୍ୱର ନନ୍ଦ, ଶିବାନନ୍ଦ ସାହାଣୀ, ରିଙ୍କୁ ମିଶ୍ର, ଲୋକନାଥ ପଧାନ, ବିଜୟ ବେହେରା, ରବି ଖମାରୀ, ରିଲୁ ରଥ, ବିବେକାନନ୍ଦ ପଟେଲ, ଶୁଭମ କୁମାର ସାହୁ, ପିୟୁଷ ମିତଲ, ଚିନ୍ମୟ ଅଗ୍ରୱାଲ, ବ୍ରିଜେଶ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ । ଲାଇଟ ପୋଷ୍ଟ ଉଦଘାଟନ କରିବା ଦୁଇ ଦିନ ପରେ ଅଚଳ ହୋଇ ପଡିବା ସାଂସଦ ଓ ମନ୍ତ୍ରୀଙ୍କ ପାରିବା ପଣିଆଁକୁ ସ୍ପଷ୍ଟ କରିଛି ବୋଲି ଅଭିଯୋଗ ହେଉଛି ।

# କଳା ବ୍ୟାଚ ପିନ୍ଧି କାମକରୁଛନ୍ତି ବ୍ଲଡ୍ ବ୍ୟାଙ୍କ୍ କର୍ମଚାରୀ

ବଲାଙ୍ଗିର ,(ପି.ଏନ):କଂଟାବାଞ୍ଜି ରକ୍ତଭଣ୍ଡାର କଂଟାବାଞ୍ଜି ଅଂଚଳରେ ରକ୍ତ ଯୋଗାଇଦେଇ ରୋଗୀମାନଙ୍କୁ ଜୀବନ ବଂଚାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି ରକ୍ତଭଣ୍ଡାର କର୍ମଚାରୀ ହେଲେ ସାମାଜିକ ସୁରକ୍ଷା ତ ଭିନ୍ନ କଥା ସାମାନ୍ୟତମ ସରକାରୀ ସୁବିଧା ପାଉନଥିବା ରକ୍ତଭଣ୍ଡାରରେ କାର୍ଯ୍ୟରତ କର୍ମଚାରି । କର୍ମଚାରୀମାନଙ୍କ ଜୀବନ ଏବେ ଦୁର୍ବିସହ ହୋଇପଡ଼ିଛି । ଆଗରୁ ରାଜ୍ୟର ରକ୍ତଭଣ୍ଡାରଗୁଡ଼ିକ ରେଡ଼କ୍ରସ ସୋସାଇଟି ଦ୍ୱାରା ପରିଚାଳିତ ହୋଇଥିଲା । ଗତ ସେପଟେମ୍ବର ୨୦୧୭ରେ ଓଡ଼ିଶା ସରକାର ରାଜ୍ୟର ୫୭ଟି ରକ୍ତଭଣ୍ଡାରକୁ ନିଜ ଅଧୀନରେ ନେଇଗଲେ । ରାଜ୍ୟ ସରକାର ରକ୍ତଭଣ୍ଡାର ରେ କାର୍ଯ୍ୟରତ ରାଜ୍ୟର ୧୮୦ ଜଣ ଅସ୍ଥାୟୀ କର୍ମଚାରୀଙ୍କ ଭବିଷ୍ୟତ ବିଷୟରେ କୌଣସି ଚିନ୍ତା କଲେ ନାହିଁ ।ଏହି ଅସ୍ଥାୟୀ କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀମାନଙ୍କ ବେତନ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଏବଂ ୨୪ ଘଂଟିଆ ଜରୁରୀକାଳୀନ ସେବାରେ ଥିବାରୁ ଡାକ୍ତରଖାନା ପରିସରରେ ସରକାରୀ କ୍ୱାର୍ଟସ ଯୋଗାଇ ଦେବା ପାଇଁ ସଂଘ ରାଜ୍ୟ ସରକାରଙ୍କଠାରେ ବାରଂବାର ଦାବି କରିଆସୁଛି । ଆଗରୁ ରକ୍ତଭଣ୍ଡାରରୁ ରକ୍ତ ପାଇଁ ରୋଗୀମାନେ ପଇସା ଦେଉଥିଲେ । ସେହି ବାବଦକୁ ମିଳୁଥିବା ଅର୍ଥରାଶିରୁ ଏହି ଅସ୍ଥାୟୀ କର୍ମଚାରୀମାନେ ଦରମା ପାଉଥିଲେ । ସରକାର ରକ୍ତଭଣ୍ଡାରଗୁଡ଼ିକୁ ନିଜ ଅଧୀନକୁ ନେବା ପରେ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ମାଗଣାରେ ରକ୍ତ ଯୋଗାଇ ଦିଆଯାଉଛି । କେବଳ ନର୍ସିଂହୋମ୍ ଘରୋଇ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସିତ ହେଉଥିବା ରୋଗୀମାନେ ରକ୍ତନେବା ବେଳେ ପଇସା ଦେଉଛନ୍ତି । ଏଥିରୁ ପ୍ରାପ୍ତ ଅର୍ଥରାଶିରୁ ଅସ୍ଥାୟୀ କର୍ମଚାରୀମାନଙ୍କୁ ଦରମା ଦିଆଯାଉଛି । ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ସହିତ ଅନେକ ଥର ଆଲୋଚନା ହୋଇଛି । କର୍ମଚାରୀମାନେ ଆନ୍ଦୋଳନ ମଧ କରିଛନ୍ତି । ବିଭିନ୍ନ ସମୟରେ ଅନେକ ଥର ସ୍ୱାସ୍ଥ୍ୟମନ୍ତ୍ରୀ ,ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିବା ପରେ ବି କିଛି ଲାଭ ହୋଇନାହିଁ । ଓଡ଼ିଶା ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଏଥିରେ ସମାନ କାମକୁ ସମାନ ଦରମା ଦେବାକୁ ଦାବି କରାଯାଇଥିଲା । ଯାହା ପୂରଣ ନ ହେବାରୁ ୧୨ ତାରିଖରୁ କଳା ବ୍ୟାଜ୍ ? ପିନ୍ଧି କାମ କରୁଛନ୍ତି କଂଟାବାଞ୍ଜି ରକ୍ତ ଭଣ୍ଡାର କର୍ମଚାରି । ଉଲ୍ଲେଖଯୋଗ୍ୟ ଯେ , ଗତ ବର୍ଷ ମେ ମାସରେ ଓଡ଼ିଶା ରାଜ୍ୟ ରକ୍ତଭଣ୍ଡାର କର୍ମଚାରି । କୌଣସି କାରଣରୁ ଯଦି ରକ୍ତ ଭଣ୍ଡାରରେ କାର୍ଯ୍ୟରତ କର୍ମଚାରିଙ୍କ ମୃତ୍ୟୁ ହେଲେ କର୍ମଚାରୀମାନଙ୍କ ମୃତ୍ୟୁ ସହିତ ପରିବାରର ଆୟର ବାଟ ବନ୍ଦ ହୋଇଯାଇଛି । ସରକାରୀ ମାନ୍ୟତା ମିଳିନଥିବାରୁ ରକ୍ତଭଣ୍ଡାର କର୍ମଚାରୀଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାରବର୍ଗକୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ରକ୍ତଭଣ୍ଡାର କର୍ମଚାରୀ ପକ୍ଷରୁ କହାଯାଇଛି । ଆଗକୁ ସରକାର ଯଦି ତାଙ୍କ ଦାବି ପୁରଣ ନ କଲେ ସେମିତି କଳା ବ୍ୟାଚ ପିନ୍ଧି ସେମାନେ କାର୍ଯ୍ୟରତ ରହି ସରକାରଙ୍କୁ ବିରୋଧ ପ୍ରଦର୍ଶନ କରୁଥିବେ ବୋଲି କାର୍ଯ୍ୟରତ କର୍ମଚାରି ଶିବ କୁମାର ସାହୁ,ଦୁର୍ଗା ତାଣ୍ଡି,ପ୍ରଶାନ୍ତ କୁମାର ସାହୁ, ଗୁରୁବାରୁ ରଣା କହିଥିଲେ ।

## ସ୍ୱାଧୀନତା ଦିବସ ପାଳିତ , ଅମୃତ ସରୋବର ଉଦଘାଟିତ

ମୁଖୀଗୁଡ଼ା,(ପି.ଏନ):କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରେ ୭୬ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଛି ।ସ୍ୱାଧୀନତା ର ୭୫ବର୍ଷ ପୂର୍ତି ଅବସରରେ ପ୍ରଧାନମନ୍ତ୍ରୀ ଙ୍କ ଆହ୍ୱାନ କ୍ରମେ ଆଜାଦି କା ଅମୃତମହୋତ୍ସବ ଘରେ ଘରେ ପାଳିତ ହୋଇଛି ସ୍ୱାଧୀନତା ଦିବସ ।ଭାରତ ମାତା ଜୟ ଧ୍ୱନି ରେ ପ୍ରକମ୍ପିତ ହୋଇଛି ସାରା ଅଂଚଳ ।ଜୟପାଟଣା ଯୁବ ଜାଗରଣ ସମିତି ପକ୍ଷରୁ ବ୍ଲକପଡା ଠାରେ ତ୍ରିରଙ୍ଗା ପତାକା ଉତୋଳନ କରାଯାଇଛି । ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ,ଉପ ସଭାପତି , ଚିତ୍ରସେନ ବାଗ, ସୁଶୀଲ କୁମାର ନାଏକ, ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ତଥା ଯୁବ ଜାଗରଣ ସମିତି ର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।ଅନ୍ୟପକ୍ଷରେ ବଡ଼ପୁଝାରିପୁଡା ଗ୍ରାମପଂଚାୟତ ପିପଲଗୁଡା ଗାଁ ଠାରେ ଏହି ଅମୃତମହୋତ୍ସବ କୁ ସ୍ମୃତିରେ ରଖିବା ପାଇଁ ଅମୃତ ସରୋବର ର ଶୁଭ ଉଦଘାଟନ ତଥା ସେଠାରେ ପତାକା ଉତୋଳନ କରାଯାଇଛି ।ଉଦଘାଟନ ଉତ୍ସବରେ ଅବସରପ୍ରାପ୍ତ ସୈନିକ ବାମଦେବ ପାତ୍ର ପତାକା ଉତୋଳନ କରିଥିଲେ ।ଏହି ଉତ୍ସବରେ ବିଡ଼ିଓ ପ୍ରଣବ କୁମାର ଚାନ୍ଦ,ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଏପିଓ ସତିଶ ରଞ୍ଜନ ବେହେରା,ଏଟିଟି ନବୀନ କୁମାର ଭୂୟା,ସରପଂଚ ନେପୁର ଧଙ୍ଗଡାମାଝୀ, ପିଇଓ ପ୍ରଫୁଲ୍ଲ କୁମାର ନାଏକ, ଗ୍ରାମ ରୋଜଗାର ସେବକ ରାଜେଶ କୁମାର ସିଂ,ବିଏଫଟି ବୈଜନ୍ତ ବାଗ,ଯଶକିରଣ ବେଶ୍ରା, ପ୍ରଫୁଲ୍ଲ ନାଏକ,କେଶବ ଧଙ୍ଗଡାମାଝୀ, ଚୈତନ୍ୟ ସର୍ବା, ଦୀନବନ୍ଧୁ ନାଏକ ,ଦାମୋଧର ସର୍ବା ପ୍ରମୁଖ ଉପସ୍ଥିତ ଥିଲେ ।ଛାତ୍ର ଛାତ୍ରୀ ମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ ।

# ସୁବର୍ଣ୍ଣପୁର ରେ ୭୬ ତମ ସ୍ୱାଧୀନତା ଦିବସ ପାଳିତ, ଉଚ୍ଚଶିକ୍ଷା ମନ୍ତ୍ରୀ ଜିଲ୍ଲାର ସଂସ୍କୃତି ଓ ପରମ୍ପରାକୁ ଭୂୟସୀ ପ୍ରଶଂସା କଲେ

ସୁବର୍ଣ୍ଣପୁର, (ପି.ଏନ): ଆଜି ସୁବର୍ଣ୍ଣପୁରରେ ହର୍ଷୋଲ୍ଲାସର ସହିତ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ଓ ଆଜିକାର ଜିଲ୍ଲା ସ୍ତରୀୟ ଉତ୍ସବର ମୁଖ୍ୟଅତିଥି ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଝାରୀ ରିଜର୍ଭ ପୋଲିସ୍ ପଡିଆରେ ଦେଶର ଗର୍ବ ଓ ଗୌରବର ଜାତୀୟ ପତାକା ଉତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରି ଜିଲ୍ଲାବାସୀ ଙ୍କ ଉଦେଶ୍ୟରେ ସମ୍ବୋଧନ କରିଥିଲେ କ୍ଷ ସେ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଇତିହାସ , ସଂସ୍କୃତିର ଭୂୟସୀ ପ୍ରଶଂସା କରି ପ୍ରଜାମଣ୍ଡଳ ଆନ୍ଦୋଳନ ତଥା ଭାରତର ସ୍ୱାଧୀନତା ସଂଗ୍ରାମରେ ଏଠାକାର ବରପୁତ୍ରମାନଙ୍କ ଯୋଗଦାନ ର ସ୍ମୃତି ଚାରଣ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ କରୋନା କଟକଣା ରେ ଆୟୋଜିତ ସମ୍ମିଳିତ ପ୍ୟାରେଡ଼ରେ କେବଳ ଆରକ୍ଷୀ ବାହିନୀ ଗୋଟିଏ ପ୍ଲାଟୁନ୍ ଓ ପୋଲିସ ବ୍ୟାଣ୍ଡ ପାର୍ଟି ପ୍ୟାରେଡ୍ ରେ ଅଂଶଗ୍ରହଣ କରିଥିଲେ ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱଣେ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ପ୍ରମୁଖ ମଂଚରେ ଉପସ୍ଥିତ ରହି ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ କ୍ଷ ଏହାପରେ ଅତିଥି ଗଣ ପ୍ୟାରେଡ ପଡ଼ିଆରେ ବୃକ୍ଷ ରୋପଣ କରିଥିଲେ କ୍ଷ ଅବିରତ ପ୍ରବଳ ବର୍ଷା ସତ୍ତ୍ୱେ ପୂର୍ବ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା କ୍ଷ ଏହାପରେ ମନ୍ତ୍ରୀ ବୀରମହାରାଜପୁର ୫ଞ୍ଚ ବାଳିକା ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଥିଲେ କ୍ଷ ଦିବସ ପରିପ୍ରେକ୍ଷୀରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଭୋର୍ ରେ ସହରରେ ରାମଧୁନ ପରିବେଷଣ ସହିତ ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା କ୍ଷ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଏବଂ ଉପ ଜିଲ୍ଲାପାଳ ସୋନପୁର ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସ୍ଥାନୀୟ କୁଷ୍ଠା ଶ୍ରମ ର ଅନ୍ତେବାସୀ ମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଦାନ କରିଥିଲେ କ୍ଷ ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ-ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ସୋନପୁର, ଅଧକ୍ଷା ସୋନପୁର ମ୍ୟୁନିସିପାଲିଟି, ତାମସୀ ତାମସ୍ମିତା ନାୟକ,ତହସିଲଦାର-ନବୀନ କିଶୋର ପାଢ଼ୀ, ଏ ସି ଏଫ ପ୍ରଫୁଲ୍ଲ ଧରୁଆ,ଡି ଡବ୍ଲୁ ଓ-ପାଲକା ରବୀନ୍ଦ୍ର, ପି ଡବ୍ଲୁ ଡି ଏସ ଇ-ଦାମୋଦର କୈବର୍ତ, ସି ଡି ଏମ ଓ -ଡ଼ଃ ବିଶ୍ୱ ରଞ୍ଜନ ପତି, ଜିଲ୍ଲା ଶିକ୍ଷା ଅଧିକାରୀ-ଲକ୍ଷ୍ମଣ ଭୋଇ ପ୍ରମୁଖ ଙ୍କ ସହ ଲାଇନ ବିଭାଗର ସମସ୍ତ ଅଧିକାରୀ ଗଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ସହଯୋଗ କରିଥିଲେ କ୍ଷ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା

# ସ୍ୱାଧୀନତା ସଂଗ୍ରାମୀ ତାମା ଦୋରାଙ୍କ ବଳିଦାନକୁ କେବେ ମିଳିବ ସରକାରୀ ସ୍ୱୀକୃତି

ମାଲକାନଗିରି, (ପି.ଏନ):ଦେଶ ପାଳୁଛି ୭୬ ତମ ସ୍ୱାଧୀନତା ଦିବସ । ଦେଶବାସୀ ସ୍ମରଣ କରୁଛନ୍ତି ବୀର ସଂଗ୍ରାମୀ ମାନଙ୍କୁ ଯିଏ ଦେଶକୁ ବିଦେଶୀଙ୍କ କବଳରୁ ମୁକୁଳେଇବା ପାଇଁ ପ୍ରାଣବଳି ଦେଲେଏ ମାନଙ୍କ ମଧ୍ୟରେ ଥିଲେ ଅନେକ ଆଦିବାସୀ ଜନଜାତି ନେତା । ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ମାଲକାନଗିରିର ସ୍ୱାଧୀନତା ସଂଗ୍ରାମୀ ତାମା ଦୋରା ।ଜିଲ୍ଲାର ଘଂଚ ଜଙ୍ଗଲ ଭରା ମୋଟୁ ପଡିଆ ଅଂଚଳ ସ୍ଥିତ କୋଣ୍ଡାପାଲି ଥିଲା ତାମା ଦୋରା ଙ୍କ ଜନ୍ମ ସ୍ଥାନ । ତାଙ୍କ ଜନ୍ମ ନେଇ ସଠିକ ତଥ୍ୟ ନ ଥିଲେ ବି କେହି କେହି ୧୮୩୮ରେ ତାଙ୍କ ଜନ୍ମ ବୋଲି ଦାବୀ କରନ୍ତି । ଯେତେବେଳେ ତାମା ଦୋରା ଯୁବାବସ୍ଥାରେ ପାଦ ଥାପିଥିଲେ , ସେତିକି ବେଳେ ବ୍ରିଟିଶ ଶାସନ ଚରମ ସୀମାରେ ପହଁଚିବା ସାଙ୍ଗକୁ ରାଜା ରାଜୁଡା ଶାସନ ମଧ ଇଂରେଜଙ୍କ ଦ୍ୱାରା ପ୍ରଭାବିତ ହୋଇ ଚାଲୁଥିଲା । ଖଜଣା ନାଁରେ ଗରିବ ଆଦିବାସୀ ଙ୍କ ଉପରେ ଶୋଷଣ ଅତ୍ୟାଚାର ବଢିଚାଲିଲା । ଆଉ ସେତିକି ବେଳେ ମାଲକାନଗିରିର ରାଣି ଥିବା ବଙ୍ଗୁରୁ ଦେବୀଙ୍କ ନେତୃତ୍ୱରେ ଗଠିତ କୋୟା ବାହିନୀ ଆରମ୍ଭ କଲେ ବିଦ୍ରୋହ । ଲକ୍ଷ ଲକ୍ଷ ଆଦିବାସୀଙ୍କ ଜନ ନାୟକ ସାଜି ଇଂରେଜ ବିରୋଧରେ ଉଠାଇଲେ ଅସ୍ତ୍ର। ୧୯୬୦ ରେ ଚମ୍ପାଖାରୀ ଯୁଦ୍ଧ ପରେ ୧୮୬୨ ରେ ଆନ୍ଧ୍ର ସୀମା ରେ ରାମ୍ପା ସଂଗ୍ରାମର ଡାକରା ଦେଇ ଇଂରେଜଙ୍କ ସହ ମୁହାଁ ମୁହିଁ ହୋଇଥିଲେ ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ତ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶାକରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି।




# ଜଗତ୍‌ସିଂହପୁର ହାଜତ ମୃତ୍ୟୁ ମାମଲାରେ ଏସ୍.ପି., ଥାନା ଅଧିକାରୀଙ୍କ ବରଖାସ୍ତ ଦାବିରେ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର (ପିଏନ୍): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ଜଗତ୍‌ସିଂହପୁର ହାଜତ ମୃତ୍ୟୁ ମାମଲାରେ ସମ୍ପୃକ୍ତ ଏସ୍.ପି. ଓ ଅଭୟଚାନ୍ଦପୁର ଥାନା ଅଧିକାରୀଙ୍କ ତୁରନ୍ତ ବରଖାସ୍ତ ଦାବିରେ କଟକସ୍ଥିତ ପୋଲିସ୍ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଛଅ ଜଣିଆ ପ୍ରତିନିଧି ଦଳ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳରେ ସୁନୀଲ ମାଟିଆ, ନିରଞ୍ଜନ ଦାସ, ବିଶ୍ୱଭୂଷଣ ମହାପାତ୍ର, କା□କେଶ୍ୱର କାଣ୍ଡି, ବିଭୂତିଭୂଷଣ ମହାପାତ୍ର, ପର୍ଣ୍ଣାସା ପଲ୍ ଥିଲେ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ୍ କହିଛନ୍ତି ଯେ, ଓଡ଼ିଶାରେ ପୋଲିସ୍‌ର ବର୍ବରତା ଓ ଅତ୍ୟାଚାର ସୀମା ଟପିଯାଇଛି। ନିଜ ବିଭାଗକୁ ନିୟନ୍ତ୍ରଣ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ଅକ୍ଷମ। ଲୋକମାନଙ୍କୁ ସୁରକ୍ଷା ଦେବା ବଦଳରେ ପୋଲିସ୍ ରକ୍ତମୁଖା ପାଲଟିଯାଇଛି। ସାରା ରାଜ୍ୟରେ ବିଭିନ୍ନ ଥାନାରେ ହାଜତ ମୃତ୍ୟୁ ଘଟଣା ଦିନକୁ ଦିନ ବଢ଼ି ଚାଲୁଥିବା ବେଳେ ଗୃହ ବିଭାଗର ମୁଖ୍ୟ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରବଦ୍ରଷ୍ଟା ସାଜିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୭ରୁ ୨୦୨୦ ମସିହା ମଧ୍ୟରେ ୧୦ଟି ହାଜତ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି ଏବଂ ଏହାର ତଦନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଅନ୍ଧାର ଭିତରେ ରହିଛି। ମୃତକମାନଙ୍କ ପରିବାରକୁ ନ୍ୟାୟ ମିଳି ପାରିନାହିଁ। ସେଥି ମଧ୍ୟରୁ ୨ଟି ହାଜତ ମୃତ୍ୟୁ ପୋଲିସ୍ ରିମାଣ୍ଡରେ ଘଟିଥିବା ବେଳେ ୬ଟି ବିଚାରପତିଙ୍କ ସମ୍ମୁଖରେ ହାଜର ହେବା ପୂର୍ବରୁ ଘଟିଛି। ୨୦୧୯ରେ ସାରା ଦେଶରେ ହାଜତ ମୃତ୍ୟୁ ମାମଲା କ୍ଷେତ୍ରରେ ଓଡ଼ିଶା ୬ ନମ୍ବର ସ୍ଥାନରେ ରହିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ରାଜ୍ୟ ସରକାରଙ୍କ ଗୃହ ବିଭାଗ ସାଧାରଣ ଜନତାଙ୍କୁ ଅତ୍ୟାଚାର କରିବାରେ ଲାଗିଛି। ଜଗତ୍‌ସିଂହପୁର ହାଜତ ମୃତ୍ୟୁ ମାମଲାରେ ମୃତକ ମନୋରଞ୍ଜନ ଯେଉଁ ପରିସ୍ଥିତିରେ ମୃତ୍ୟୁବରଣ କଲା ବୋଲି ପୋଲିସ୍ ବୟାନ ଦେଉଛି, ଏହା ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ନୁହେଁ। ଏହା ହାଜତମୃତ୍ୟୁ ଘଟଣାକୁ ଚାପିଦେବା ପାଇଁ ପୋଲିସ୍ ଦ୍ୱାରା ରଚିତ ଏକ ମନଗଢ଼ା କାହାଣୀ। ଏଠାରେ ପ୍ରଶ୍ନ ଉଠେ ଯେ ଦୌଡ଼ୁଥିବା ଅବସ୍ଥାରେ ସାମ୍ନାପଟୁ ଏକ ପୋଲରେ ମାଡ଼ ହୋଇ ମନୋରଞ୍ଜନ ଭୟଙ୍କର ଭାବେ ଆଘାତପ୍ରାପ୍ତ ହୋଇଥିଲା, କିନ୍ତୁ ମନୋରଞ୍ଜନ ଦେହରେ କୌଣସି ଗଭୀର ଆଘାତ ଓ ହାଡ଼ଗୋଡ଼ ଭାଙ୍ଗିବା ପରି କୌଣସି କ୍ଷତଚିହ୍ନ ଦେଖାଯାଇନଥିଲା। ମନୋରଞ୍ଜନକୁ ସିଧା କଟକ ବଡ଼ ମେଡ଼ିକାଲ ନ ନିଆଯାଇ ସ୍ଥାନୀୟ ମେଡ଼ିକାଲକୁ ନେବାର ରହସ୍ୟର ତଦନ୍ତ ହେବା ଦରକାର। ଦ୍ୱିତୀୟତଃ ଜଣେ ମୁମୂର୍ଷୁ ଅବସ୍ଥାରେ ଥିବା ବ୍ୟକ୍ତିକୁ ଆମ୍ବୁଲାନ୍ସ ଦ୍ୱାରା ନ ନେଇ କାହିଁକି ପୋଲିସ୍ ଗାଡ଼ିରେ ନିଆଗଲା। ପ୍ରଥମେ ଥାନାକୁ ନିଆଗଲା କି ହସ୍ପିଟାଲ୍‌କୁ ନିଆଗଲା, ତାହା ମଧ୍ୟ ସନ୍ଦେହ ଘେରରେ ରହିଛି। ଜଗତ୍‌ସିଂହପୁର ଜିଲ୍ଲା ଏସ୍.ପି. ଅଖିଳେଶ୍ୱର ସିଂ, ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ଇତିହାସକୁ ଯଦି ସମୀକ୍ଷା କରାଯାଏ, ତେବେ ଏମାନେ ପୂର୍ବରୁ ହାଜତ ମୃତ୍ୟୁ ଘଟଣାରେ ମଧ୍ୟ ସମ୍ପୃକ୍ତ ରହିଛନ୍ତି। ଗତ ୨୦୨୦ ମସିହାରେ ପୁରୀ ଜିଲ୍ଲା ବାସେଳିସାହି ଥାନାରେ ଯେଉଁ ହାଜତମୃତ୍ୟୁ ଘଟଣା ଘଟିଥିଲା, ତାହାର କଳଙ୍କ ଏହି ଏସ୍.ପି. ଏବଂ ଏହି ଥାନା ଅଧିକାରୀଙ୍କ ନାମରେ ଯୋଡ଼ିହୋଇ ରହିଛି। ପୋଲିସ୍ ମହାନିର୍ଦ୍ଦେଶକ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ସମ୍ପୃକ୍ତ ଏସ୍.ପି. ଏବଂ ଥାନା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଗୃହ ବିଭାଗର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନକୁ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି ଶ୍ରୀ ନୱାଜ୍।

## ବରିଷ୍ଠ ସାମ୍ବାଦିକ ରବି ରଥ ସପ୍ତମ ଥର ପାଇଁ କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ନିର୍ବାଚିତ

ଭୁବନେଶ୍ୱର (ପିଏନ୍): କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ୍ କୃଷି ଗବେଷଣାକେନ୍ଦ୍ରଠାରେ ଗତ ମାସ ୧୬ ତାରିଖରୁ ୧୮ ତାରିଖ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଥିବା କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଓ ୧୦ମ ରାଜ୍ୟ ଶାଖା ସମ୍ମିଳନୀ ଅବସରରେ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ ସପ୍ତମଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉ କି ଶ୍ରୀ ରଥ ୨୦୦୫ ମସିହାରୁ ଏହି ସଂଗଠନର ଲଗାତାର ଭାବେ ସଭାପତି ନିର୍ବାଚିତ ହେବା ସହ ଓଡ଼ିଶାରେ ବିଭିନ୍ନ ଅ□ଳରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରର ସଂପାଦକମାନଙ୍କୁ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତଥା ସ୍ୱାଗତ ସମିତିର ଅଧ୍ୟକ୍ଷ ତାରାପ୍ରସାଦ ବାହିନୀପତି, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଶରତ କୁମାର ପାଲିତା, ରାଷ୍ଟ୍ରୀୟ ସଂପାଦକ ଶଙ୍କର କଡିରାଙ୍କ ସମେତ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଂପାଦକ ଉପସ୍ଥିତ ଥିଲେ। ଅଧିବେଶନରେ ଶ୍ରୀ ରଥଙ୍କୁ କେନ୍ଦ୍ରୀୟ ସାଧାରଣ ସଂପାଦକ ଶଙ୍କର କଡିରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବାଲିପାହାଡ଼ ସାହିରେ ଭୟାବହ ଅଗ୍ନିକାଣ୍ଡ



ବାଙ୍କୀ (ପିଏନ୍)-ବାଙ୍କୀ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପ□ାୟତର ବାଲିପାହାଡ଼ ପାଇକ ସାହିରେ ରବିନ୍ଦ୍ର ପ୍ରଧାନ, ମାନସ ପ୍ରଧାନ, ସୁଷମା ପ୍ରଧାନଙ୍କ ଘରେ ହଠାତ୍ କୌଣସି କାରଣବଶତଃ ନିଆଁ ଲାଗିଯିବା ଫଳରେ ୩ବଖରା ଛଳ ଘର ତତ୍ ସହିତ ଘରର ଆସବାପତ୍ର ସମ୍ପୂର୍ଣ୍ଣ ପୋଡିଯାଇ ପାଉଁଶ ହୋଇଯାଇଥିବା ବେଳେ ଘଟଣାର ଖବର ପାଇଁ କଳାପଥର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହ□ ନିଆଁକୁ ଆୟ□ କରିଥିଲେ। ସେହି ସମୟରେ ଘରଗୁଡିକ ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ବାଙ୍କୀ ତହସିଲ ପକ୍ଷରୁ ଅଗ୍ନିବିପନ୍ନ ପରିବାରଙ୍କୁ ପଲିଥିନ୍ ଦିଆଯାଇଥିଲା। ଅଗ୍ନିକାଣ୍ଡ ସର୍ଟ ସର୍କିଟ୍ ଯୋଗୁଁ ହୋଇଥିବ ବୋଲି ସ୍ଥାନୀୟ ଲୋକ ଅନୁମାନ କରୁଛନ୍ତି।

## ବାଙ୍କୀ ମଧୁବୈଶ୍ୟ ସମାଜ ପକ୍ଷରୁ ବାର୍ଷିକ ସମ୍ମିଳନୀ




ବାଙ୍କୀ (ପିଏନ୍)-ବାଙ୍କୀ ରାଜ୍ୟ ମଧୁ ବୈଶ୍ୟ ସମାଜ ପକ୍ଷରୁ ବାର୍ଷିକ ସମ୍ମିଳନୀ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପ□ାୟତ ସିଦ୍ଧେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଂପାଦକ ଧୂର୍ବଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ମଧୁବୈଶ୍ୟ ସମାଜର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଅବଗତ କରାଇଥିଲେ। ଏଥିରେ ସମାଜର ଉପସଭାପତି ଚୌଧୁରୀ ସାହୁ, କୋଷାଧ୍ୟକ୍ଷ ଧରଣୀଧର ସାହୁ, ସହ ସଂପାଦକ ଅକ୍ଷୟ ସାହୁ, ପ୍ରହ୍ଲାଦ ପୃଷ୍ଟିଙ୍କ ସମେତ ବାଙ୍କୀ ତଥା ଆଖପାଖ ଅ□ଳର ମଧୁବୈଶ୍ୟ ସମାଜର ସଦସ୍ୟମାନେ ଏଥିରେ ସାମିଲ୍ ହୋଇଥିଲେ। ଏହି ବାର୍ଷିକ ଉତ୍ସବ ଦୁଇଦିନ ଧରି ଚାଲୁ ରହିଥିବା ଜଣାପଡିଛି।

## ପଦ୍ମପୁର ପାଠଶାଳାର ସପ୍ତମ ବାର୍ଷିକ ଉତ୍ସବ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପଦ୍ମପୁରସ୍ଥିତ ପାଠଶାଳାର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପରିଚାଳିକା ସୁଲୋଚନା, ଜିଲ୍ଲା ପରିଚାଳିକା ବିନ୍ଦୁ ଭଉଣୀ, ପ୍ରତିଭା ଭଉଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ଉପସ୍ଥାପନ କରିଥିଲେ।

## ଜଳ ପାଇଁ ଚିନ୍ତା ପ୍ରକଟ କଲେ ୭ ବର୍ଷର ବାଳକ




ଭୁବନେଶ୍ୱର (ପିଏନ୍): ମାଡ଼ି ଆସୁଛି ପାନୀୟ ଜଳ ସଙ୍କଟ। ଯାହା ଏବେଠାରୁ ଜଳ ଜଳ ହୋଇ ଦେଖାଗଲାଣି। ଏ ନେଇ ସୃଷ୍ଟି ହେବ ଭୟାବହ ପରିସ୍ଥିତି। ପିଇବା ପାଇଁ ମିଳିବନି ପାଣି। ଏ ନେଇ ପରିବେଶ ବିଜ୍ଞାନୀ, ପରିବେଶବିତ୍ ଏବଂ ଜଳଯୋଦ୍ଧା ମାନେ ସତର୍କ ସୂଚନା ଦେଇସାରିଲେଣି। ଏକଥା ଅବିଶ୍ୱାସ ଲାଗୁଥିଲେ ମଧ୍ୟ ଏହା ନିରାଟ ସତ୍ୟ। ଆମେମାନେ ଜାଣୁ ପୃଥିବୀରେ ୩ଭାଗ ଜଳ ଏବଂ ଗୋଟିଏ ଭାଗ ସ୍ଥଳ ରହିଛି। ସେଥିମଧ୍ୟରୁ ୧ ପ୍ରତିଶତ ହେଉଛି ପାନୀୟ ଉପଯୋଗୀ ଜଳ। ଜଳର ଅପବ୍ୟବହାର, ଜଳବାୟୁ ପରିବ□ନ, ବିଶ୍ୱତାପନ ଏବଂ ମାନବୀୟ ହସ୍ତକ୍ଷେପ ଯୋଗୁଁ ଦିନକୁ ଦିନ ଏହା ସଙ୍କଟ ଆଡ଼କୁ ଗତି କଲାଣି। ସଂପ୍ରତି ବଜାରରେ ଉପଲବ୍ଧ ସାଧା ପାନୀୟ ଜଳର ଲିଟର ପ୍ରତି ଦାମ୍ ଏବଂ ମିନିରେଲଯୁକ୍ତ ପାନୀୟ ଜଳ କ୍ଷୀର ଦାମ୍ ଠାରୁ ଅଧିକ ହୋଇଗଲାଣି। ତଥାପି ଆମେମାନେ ଚୁପ୍ ହୋଇ ବସିଛେ। ଏ ନେଇ ଭୁବନେଶ୍ୱର ପୋଖରୀପୁଟ ଅ□ଳରେ ରହୁଥିବା ୭ ବର୍ଷର ବାଳକ ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ନିଜେ ରଙ୍ଗ, ତୁଳୀରେ ମନର କଥାକୁ ବଖାଣିବା ସହ ଚିନ୍ତାପ୍ରକଟ କରିଛନ୍ତି। ପାଣି ଓ କ୍ଷୀରକୁ ନେଇ ଆଙ୍କିଛନ୍ତି ଗୋଟିଏ ପାନୀୟ ଜଳ ବୋତଲ ଓ ଗୋଟିଏ କ୍ଷୀର ବୋତଲ। ଏଥିରେ ସେ ଦର୍ଶାଇଛନ୍ତି କ୍ଷୀର ଦାମ୍ ଠାରୁ ପାଣିର ଦାମ ଅଧିକ ହୋଇଗଲାଣି। ଖୁବ୍ ଶୀଘ୍ର ପୁଣି ପାଣିର ଦାମ୍ ବଢ଼ିବ ବୋଲି ଶାନ୍ତନୁ ଚିତ୍ର ମାଧ୍ୟମରେ ସତର୍କ ସୂଚନାର ବା□ା ଦେଇଛନ୍ତି। ଏବେଠାରୁ ଜଳର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ସହ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ନିତାନ୍ତ ଜରୁରୀ। ନଚେତ୍ ଜୀବଜଗତ ପାଇଁ ଆଉ ଏକ ବିପଦ ଉଭା ହେବ ଏବଂ ବିଲୀନ ହୋଇଯିବ ଏ ସୃଷ୍ଟି ବୋଲି କୁହନ୍ତି ଶାନ୍ତନୁ। ଶାନ୍ତନୁଙ୍କ ଏହି ଚିନ୍ତାଧାରାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅରିଶଳର ଦ୍ୱିତୀୟ ଶ୍ରେଣୀର ଛାତ୍ର। ପରିବେଶ ସୁରକ୍ଷା, ଜାତୀୟ ପର୍ବ ଓ ପର୍ବ ପର୍ବାଣୀ ଦିବସ ଗୁଡ଼ିକରେ ବିଭିନ୍ନ ଜନସଚେତନତାର ବା□ା ସେ ଚିତ୍ର ମାଧ୍ୟମରେ ବାଞ୍ଚୁଥିବାର ଜଣାପଡ଼ିଛି।

## ସଂଗୀତ ମୂର୍ଚ୍ଛନା ଏବଂ ଓସା ମ୍ୟୁଜିକ ଚ୍ୟାନେଲର ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ




କେନ୍ଦ୍ରାପଡ଼ା (ପିଏନ୍): ସଂଗୀତ ମୂର୍ଚ୍ଛନା ଏବଂ ଓସା ମ୍ୟୁଜିକ ଚ୍ୟାନେଲର ମିଳିତ ସହଯୋଗରେ ଜିଲ୍ଲା ଜବାହର ବାଲ ଭବନ ପରିସରରେ ଏକ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ ପ୍ରଦିପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଂଗୀତ ମୂର୍ଚ୍ଛନା ଓ ଓସାର ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଉତ୍ସବର ଲକ୍ଷ୍ୟ, ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କରୋନାର ପ୍ରକୋପ ସତ୍ତ୍ୱେ ଦୀର୍ଘ ୨ବର୍ଷ ହେବ ଏହି ଅନୁଷ୍ଠାନ ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବ ପ୍ରତିଭାମାନଙ୍କର ଅନ୍ତର୍ନିହିତ କଳାର ବିକାଶ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅନ୍ ଲାଇନ ମାଧ୍ୟମରେ ପ୍ରତିଯୋଗୀତା ମାନ ଆୟୋଜନ କରାଯାଇଥିଲା। ଗୀତ, ନୃତ୍ୟ, କବିତା, ଚିତ୍ରକଳା, ବକ୍ତୃତା ପ୍ରଭୃତି ୬ଟି ପ୍ରତିଯୋଗୀତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମୋଟ ୭ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ବୟସର କଳାକାରମାନେ ଭାଗ ନେଇଥିଲେ। ପ୍ରତ୍ୟେକ ବିଷୟରୁ ଶ୍ରେଷ୍ଠ ୧୦ଜଣ ଲେଖାଁଏ ମୋଟ ୮୦ଜଣଙ୍କୁ ଟପଟେନ ଆୱାର୍ଡ ଅତିଥିମାନେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ଜ୍ୟୋତ୍ସ୍ନାମୟୀ ପରିଡା, ବରିଷ୍ଠ ସାମ୍ବାଦିକ ଚି□ରଞ୍ଜନ ଦାସ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୋନାଲି ବେହେରା, ଗୁଆଲସିଂ ସରପ□ ମଧୁସ୍ମିତା ଦାସ, ବାଲ ଭବନର ଯୁଗ୍ମ ନିର୍ଦ୍ଦେଶକ ଜୀତେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜବାହର ଭବନର ନିର୍ଦ୍ଦେଶିକା ଲଳିତାଞ୍ଜଳି ଦାସ ସଂଗୀତ ମୁର୍ଚ୍ଛନା ଚ୍ୟାନେଲର ଉଦ୍ୟମକୁ ପ୍ରଶଂସା କରିବା ସହିତ ଉତ୍ସବରେ ୯ରୁ ୧୬ବର୍ଷ ପ୍ରତିଯୋଗୀମାନଙ୍କ ଦକ୍ଷତାକୁ ଆଧାରକରି ବାଲ ଭବନ ପକ୍ଷରୁ ଜାତୀୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗୀତାରେ ଭାଗ ନେବାକୁ ସୁଯୋଗ ପାଇବେ ବୋଲି କହିଥିଲେ। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ କାର୍ଯ୍ୟକ୍ରମ ସଂଚାଳନ କରିବାଉ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଏହି ଅନୁଷ୍ଠାନକୁ ସହାୟତା ଯୋଗାଇଦେବାକୁ ପ୍ରତିଶୃତି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଦସ୍ୟ ଅକ୍ଷୟ ସାମଲ, ନିରାକାର ମହାରଣା, ପ୍ରଭାକର ଦାସ, ସଂଯୋଜିକା ଲିପି ମିଶ୍ର ଓ ତପସ୍ୱିନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email. : yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ବରିଷ୍ଠ ନାଗରିକ ମଂଚ ସାଧାରଣ ପରିଷଦ ସଭା: ୨୨ଟି ୱାର୍ଡରୁ ହେବେ ଆଦର୍ଶ ପରିବାର ଚୟନ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ସଭା ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ରାମଶଙ୍କର ବିଭିନ୍ନ ପ୍ରସ୍ତାବ ଉପରେ ଆଲୋକପାତ କରିବା ସହ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ତଥା କର୍ମକର୍ତାଙ୍କ ମଧ୍ୟରୁ ସର୍ବଶ୍ରୀ ଭୀମସେନ ପ୍ରଧାନ, ବିଚିତ୍ର କୁମାର ବଡ଼ଜେନା, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବସନ୍ତ କୁମାର ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ନାରାୟଣ ଦାସ ପ୍ରମୁଖ ମଂଚାସୀନ ଥିଲେ। ବରିଷ୍ଠ ନାଗରିକ ନାରାୟଣ ଚନ୍ଦ୍ର ସାହୁ ଓ ଜଗନ୍ନାଥ ସେଠୀଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ନାଗରିକ ମଂଚ ପକ୍ଷରୁ ଖୋର୍ଦ୍ଧା ଓକିଲ ସଂଘ ସଭାପତି ବିଜୟ କୁମାର ସାମନ୍ତସିଂହାର ଓ ମହିଳା ପ୍ରତିନିଧି ଜ୍ୟୋତିପ୍ରଭା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନା କ୍ରମରେ ସହରରେ ୨୨ଟି ୱାର୍ଡ଼ରୁ ୨୨ଟି ଆଦର୍ଶ ପରିବାର ଚୟନ, ପ୍ରତି ୩ ମାସରେ ବୟସ୍କମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର, ବୟସ୍କମାନଙ୍କ ପାଇଁ ରେଳୱେ ରିହାତି ଓ ନାଗରିକ ମଂଚ ପାଇଁ ସରକାରଙ୍କ ପକ୍ଷରୁ ଜାଗା ପ୍ରଦାନ ପାଇଁ ଆଲୋଚନା ହୋଇ ଦାବି ହୋଇଥିଲା। ଫୁଟ୍‌ପାଥରେ ଦୋକାନମାନ ଖୋଲିଯାଇଥିବାରୁ ବରିଷ୍ଠ ନାଗରିକମାନେ ଯାତାୟାତରେ ଅସୁବିଧା ଭୋଗୁଥିବା ଦର୍ଶାଯାଇଥିଲା। ଆଲୋଚକମାନଙ୍କ ମଧ୍ୟରେ ପ୍ରଫେସର ଡ. ନାରାୟଣ ରାଓ, ରବୀନ୍ଦ୍ର କୁମାର ପଟ୍ଟନାୟକ, ବିରଂଚି ନାରାୟଣ ସାହୁ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ମୃତ୍ୟୁଞ୍ଜୟ ଛୋଟରାୟ, ଅଖିଳ କୁମାର ପ୍ରଧାନ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମଂଚ ପକ୍ଷରୁ ସ୍ୱତନ୍ତ୍ର ସଦସ୍ୟ ଭାବେ ବିଜୟ କୁମାର ସାମନ୍ତସିଂହାର ଓ ବିରଂଚି ନାରାୟଣ ସାହୁଙ୍କ ଗ୍ରହଣ କରାଯାଇଥିଲା। ଶେଷରେ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

### "ବାସୁବାବୁ-ଅନ୍ତରଙ୍ଗ ଅନ୍ତରୀକ୍ଷ ଯାଏଁ" ଲୋକାର୍ପିତ

## ଶିକ୍ଷାବିତ୍‌ଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ତାପଙ୍ଗ ମହୋତ୍ସବର କର୍ଣ୍ଣଧାର, ଖୋର୍ଦ୍ଧା ବି.ଜେ.ବି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଏକାଧାରରେ ଜଣେ ନୀତିନିଷ୍ଠ କର୍ମଯୋଗୀ, ଦୃଢ଼ମନା ଆଦର୍ଶ ବ୍ୟକ୍ତିତ୍ୱ ବାସୁଦେବ ସାମନ୍ତରାୟଙ୍କ ପ୍ରଥମ ବାର୍ଷିକ ସ୍ମୃତି ସଭା ନିଜଗଡ଼ ତାପଙ୍ଗ ଠାରେ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ଶେଖ୍ ରମଜାନ୍ ଖାଁ ପ୍ରମୁଖ ଅତିଥି ଭାବେ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ତାଙ୍କ ଉଦ୍ୟମ ଯୋଗୁଁ ତାପଙ୍ଗ ମହୋତ୍ସବ ଓ ଜାତୀୟ ରାଜପଥରେ ତାପଙ୍ଗ ଛକଠାରେ ଅଣ୍ଡରପାସ୍ ନିର୍ମାଣ ହୋଇଥିଲା ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଆରତି ମଂଜରୀ ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ, ମଙ୍ଗୁଲୁ ପ୍ରସାଦ ପ୍ରଧାନ, ସଂଗ୍ରାମ କେଶରୀ ଜଗଦ୍ଦେବ, ବିନାୟକ ପାଇକରାୟ, ଗତିକୃଷ୍ଣ ସେଠୀ, ଯୁଧିଷ୍ଠିର ସାହୁ, ଡ଼.ତୈଲୋକ୍ୟ କୁମାର ରଥ, ବିଜୟ କୁମାର ଜଗଦ୍ଦେବ, କୈଳାସ ଚନ୍ଦ୍ର ବଳିଆରସିଂହ, ପ୍ରଦୀପ୍ତ କୁମାର ପୃଷ୍ଟି ଓ ଶାନ୍ତିଲତା ବଳିଆରସିଂହ ପ୍ରମୁଖ ସ୍ମୃତିଚାରଣ କରି ସେ ଛାତ୍ରବତ୍ସଳ, ଗଭୀର ସମୟାନୁବର୍ତୀ ଓ ଏନ୍.ସି.ସି ଅଫିସର ଭାବରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ ବୋଲି ମତ ଦେଇଥିଲେ। ତାଙ୍କ ଉଦ୍ଦେଶ୍ୟରେ "ବାସୁବାବୁ-ଅନ୍ତରଙ୍ଗ ଅନ୍ତରୀକ୍ଷ ଯାଏଁ" ଏକ ସ୍ମରଣିକା କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିଭୂତି ଭୂଷଣ ମହାପାତ୍ର, ଆରତୀ ମଂଜରୀ ଦାଶ ଓ ବିନାୟକ ପାଇକରାୟଙ୍କ ସଂପାଦନାରେ ପ୍ରକାଶିତ ହୋଇ ଲୋକାର୍ପିତ ହୋଇଥିଲା। କୃଷ୍ଣ ଚନ୍ଦ୍ର ହରିଚନ୍ଦନ ଅତିଥି ପରିଚୟ ଓ ସୌମ୍ୟରଂଜନ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ପୁତ୍ର ଜଗଦୀଶ ସାମନ୍ତରାୟ ଓ ପତ୍ନୀ ଗିରିବାଳା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା'ଆଦିମାତା କ୍ଲବରେ ଜଳଛତ୍ର କେନ୍ଦ୍ର

ବାଙ୍କୀ (ପିଏନ୍)- ବାଙ୍କୀ ଏନ୍.ଏ.ସି ୧୦ନମ୍ବର ୱାର୍ଡସ୍ଥିତ ଆଦିମାତା ଛକ ଠାରେ ଆଦିମାତା କ୍ଲବ ପକ୍ଷରୁ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍କୀ ଏନ୍.ଏ.ସିର ଅଧ୍ୟକ୍ଷା ମାଣିକ ସାହୁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବାଙ୍କୀ ଏନ୍.ଏ.ସିର ଉପନଗରପାଳ ସନ୍ତୋଷ ରଣା, କାଉନସିଲର ତଥା ବିଜୁ ଜନତାଦଳର ସାଧାରଣ ସଂପାଦକ ସନାତନ ବେହେରା, ବେଗୁନିଆ ପ୍ରଧାନ, କାଉନସିଲର ରାଜେନ୍ଦ୍ର ମହାପାତ୍ର, ମାନସ ପ୍ରଧାନ, କାଶିନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ତାରିଣିଙ୍କ ପୀଠରେ ଝାମୁ ଯାତ୍ରା



ବାଙ୍କୀ (ପିଏନ୍)-ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର କଇଁଆନାଳ ନିକଟସ୍ଥ ମା'ତାରିଣିଙ୍କ ପୀଠରେ ପବିତ୍ର ଚୈତ୍ରପୂର୍ଣ୍ଣିମା ଉପଲକ୍ଷେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମା'ଙ୍କର ହୋମଯଜ୍ଞ ସହ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନସୀକ ଧାରି ଝାମୁଆମାନେ ମା'ଙ୍କ ପୀଠରେ ମାନସିକ କରି ଝାମୁ ଚାଲିଥିଲେ। ଏଥିରେ ଆଖପାଖ ଅ□ଳରୁ ବିଶେଷ କରି ଶିମିଳିପୁର, ହରିରାଜପୁର, ବିଲିପଦନପୁର , ବରଗାଁ ଆଦି ଗ୍ରାମରୁ ବହୁ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଏହି ଝାମୁ ଯାତ୍ରାରେ ବାବା ନିରଞ୍ଜନ ବେହେରା, ମନ୍ଦିର ପୂଜକ ତପନ ନାୟ. କ□ାଭାବେ ଖଗେଶ୍ୱର ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ବିଭିନ୍ନ ଭାଗବତ ମଣ୍ଡଳୀ ଦ୍ୱାରା ଭାଗବତ ପରିବେଷଣ କରାଯାଇଥିଲା। ସେହିପରି ଶିମିଳିପୁର ସିଦ୍ଧେଶ୍ୱରଙ୍କ ପୀଠରେ ପୂଜକ ଶ୍ରୀକାନ୍ତ ମହାପାତ୍ର, ଝାମୁଆ କ ଦାମୋଦର ନାୟକ ଝାମୁ ଚାଲିଥିଲେ।




# ସଂଗ୍ରାମୀ ମାଟିର ବାସ୍ନା



ଡ଼ି ଶୁଭମ୍

ବିପ୍ଳବୀ କବି ରବି ସିଂ ଥରେ କହିଥିଲେ : ବିପ୍ଳବି କି ମରେ କେବେ ଶାସକର ସୁତୀକ୍ଷ୍ଣ ସଂଗୀନେ
ଫାଶୀ ମଂଚେ କାରାଗାରେ ଅବା କେଉଁ ବନର ଗହନେ।

ସତରେ ଏ ମାଟି ସଂଗ୍ରାମର ମାଟି। ଏ ମାଟିରୁ ଜାତୀୟତାବାଦର ବାସ୍ନା ଆସେ। ଏ ମାଟି ବୀର ସହିଦର ମାଟି। ଆଉ ଏ ମାଟି ସାରା ଭାରତ ବର୍ଷର ଏକ ପରିଚିତ ମାଟି। ସେତେବେଳର ଇତିହାସକୁ ଯଦି ଏବେ ମନେପକାଇବା , ସତରେ ଲୋକ ଟାଙ୍କୁରି ଉଠିବ। ମନରେ ଦେଶପ୍ରେମର ଭାବନା ଉଦବୁଦ୍ଧ ହେବ। ଜାତୀୟତାର ବାଣୀ କର୍ଣ୍ଣରେ ଗୁଂଜରିତ ହେବ। ଆଜି ସାରା ଦେଶ ଆଜାଦୀ ବା ସ୍ୱାଧୀନତାର ୭୫ତମ ପାଳନ କରୁଛି। ସ୍ୱାଧୀନତାର କଥାକୁ ଲୋକଙ୍କ ନିକଟରେ ପହଁଚୁଛି। ବ୍ରିଟିଶ ମାନଙ୍କର ସେ ବର୍ବର କାହାଣୀ ଠାରୁ ସ୍ୱାଧୀନତାର ପହିଲି ସକାଳର ତ୍ରିରଙ୍ଗା ଯାଏଁ ସବୁକଥା ଆଜି ଘରେ ଘରେ ଗୁଂଜରିତ ହେଉଛି। ଏ ଅବସରରେ ଓଡ଼ିଶାର ସଂଗ୍ରାମ ଆଉ ସଂଗ୍ରାମୀ ମାନଙ୍କୁ ଏଡ଼ାଇ ଦିଆଯାଇନପାରେ। ପୁଣ୍ୟଭୂମି ଭାରତବର୍ଷର ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ଇଂରେଜ ମାନେ ବିଭୀଷିକାର ରାକ୍ଷସୀ ମାୟା ରଚିଥିଲେ। ସେ ସମୟରେ ଭାରତ ପାଇଁ ଆସିଲା ଚରମ ଦୁର୍ଭାଗ୍ୟ। ଭାରତର ସାଂସ୍କୃତିକ ପରିସ୍ଥିତି ହେଲା ଅବକ୍ଷୟ। ଇଂରେଜଙ୍କର ଏହି କ୍ରମାଗତ ଶୋଷଣ ଶେଷରେ ୧୮୫୭ରେ ସିପାହୀ ବିଦ୍ରୋହର ରୂପ ନେଲା। ଦୁର୍ଦ୍ଧର୍ଷ ଭାରତୀୟ ଶକ୍ତିର ଚରମ ସିଂହନାଦରେ ଭୟଭୀତ ହେଲେ ବ୍ରିଟିଶଗଣ। ପରାଧୀନତାର ଗଗନରେ ଆବଦ୍ଧ ବସା ଭିତରେ ବାନ୍ଧି ହୋଇ ରହିଥିଲେ ଭାରତୀୟ। ୧୮୮୫ରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସର ମହାସିନ୍ଧୁ। ଏହାର ଗୁରୁଗମ୍ଭୀର ଧ୍ୱନିରେ ସାରା ଦିଗ ବିଦିତ ହେଲା। ଆଉ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ଭାବେ ଉଭା ହେଲେ ଜାତିର ପିତା ଗାନ୍ଧୀଜୀ। ସଂଗ୍ରାମୀ ସେନାପତି ସାଜି ବିପ୍ଳବର ବହ୍ନିକୁ ଚତୁର୍ଦିଗରେ ପ୍ରଜ୍ୱଳିତ କଲେ। ଆନ୍ଦୋଳନ ଓ ସତ୍ୟାଗ୍ରହ କାଳକ୍ରମେ ଭାରତରେ ସୂତ୍ରପାତ ହେଲା। ସ୍ୱଦେଶୀ ଆନ୍ଦୋଳନ , ଅସହଯୋଗ ଆନ୍ଦୋଳନ , ଲବଣ ସତ୍ୟାଗ୍ରହ ପ୍ରମୁଖ ବିପ୍ଳବର ମାଇଲଖୁଣ୍ଟ ସାଜିଲା। ଶେଷରେ ଭାରତୀୟମାନେ ଅନୁଭବ କଲେ ଜୀବନ ଠାରୁ ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାଧୀନତା। ଜୀବନକୁ ତୁଚ୍ଛ କରି ସଭିଏଁ ଭାରତୀୟତା ଓ ଏକତାର ମନ୍ତ୍ରରେ ଆନ୍ଦୋଳନରେ ଝାସ ଦେଲେ। ଗାଁ ଠୁ ସହର ସବୁଆଡ଼େ ବ୍ୟାପିଗଲା ଅହିଂସାର ବାତାବରଣ। ପ୍ରଜ୍ଞା , ଶ୍ରମ , ସାଧନା ଏବଂ ଉତ୍ସାହର ମିଳିତ ଶକ୍ତିରେ ଭାରତୀୟ ମାନେ ସକ୍ରିୟ ହୋଇଉଠିଲେ। ସତରେ ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା। ବାରଦୁଆର ଶୁଙ୍ଖିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ। ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ। ଏକ ପଙ୍କିଳ ପୁଷ୍କରିଣୀରେ ଉବୁଟୁବୁ ହେବା ଛଡ଼ା ଆଉ କିଛି ଉପାୟ ନଥିଲା। ସେମିତି ଜୀବନ ଜୀଇଁବାରେ କଣ ବା ଲାଭ ? ଆଉ ଠିକ୍ ଏଇ ସବୁ ଭିତରେ ବାଦ ପଡ଼ି ନଥିଲା ଓଡ଼ିଶାର ରକ୍ତତୀର୍ଥ ଇରମ। ୧୯୪୨ ଅଗଷ୍ଟ ପ୍ରଥମ ସପ୍ତାହ। ଚାରିଆଡ଼େ ଦେଶପ୍ରେମର ବହ୍ନିରେ ଜୁଡୁବୁଡୁ ଦେଶବାସୀ। ସବୁଆଡ଼େ ଆନ୍ଦୋଳନର ଡ଼ିଣ୍ଡିମ ବାଜୁଥାଏ। ଏତିକି ବେଳେ ସଂଗ୍ରାମର ତୂର୍ଯ୍ୟନାଦ ଶୁଭି ଉଠିଲା ଇରମ ପ୍ରଦେଶରୁ। ୧୯୪୨ରେ ଇଂରେଜଙ୍କ ନେତୃତ୍ୱ ନେଇଥିଲେ ଚର୍ଚ୍ଚିଲ। ଅମାନୁଷିକ ଗୁଳିଚାଳନା କରିବାରେ ବେଶ ପ୍ରସଦ୍ଧି ଲାଭ କରିଥିବା ଚର୍ଚ୍ଚିଲ ୧୯୪୨ ନଭେମ୍ବର ୫ ସୁଦ୍ଧା ସାରା ଭାରତରେ ୧୦୨୩ଜଣ ମୃତ୍ୟବରଣ କରିସାରିଥିଲେ। ଏପରି ସମୟରେ ଓଡ଼ିଶାରେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାରହଜାର ବାନରସେନା ଏହି ଆନ୍ଦୋଳନରେ ଝାସ ଦେଇଥିଲେ। ଇରମର ଜମିଦାର ମାନଙ୍କୁ ଏକପ୍ରକାରରର ନିଜ ଅକ୍ତିଆରକୁ ନେଇ ଆସିଥିଲେ ବ୍ରିଟିଶ। ଏ ପରିପ୍ରେକ୍ଷୀରେ ଇରମର ସେଇ ଜନନାୟକ ବାଂଛାନିଧି ମହାନ୍ତିଙ୍କ କବିତା ବାନରସେନାଙ୍କ ରକ୍ତରେ ବହ୍ନିକୁ ପ୍ରଜ୍ୱଳିତ କଲା। ସେତେବେଳେ ତାଙ୍କ କଲମ ମୁନ ଥିଲା ଦେଶପ୍ରେମୀଙ୍କ ପାଇଁ ଏକ ତୀକ୍ଷଣ୍ ଖଡ଼ଗ୍। ସେ କହୁଥିଲେ-

କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି
କହ ପାଇଛି କି ସୁଖ , ନିଭାଇଛି ଦୁଖ
ମାଗି ମାଗି ପଥ ଭିକାରୀ।

୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ଜଣେ ଆଗଧାଡ଼ିର ସେବକ ଥିଲେ ବାଂଛାନିଧି। ଅନେକ ଥର ଜେଲର ଚାରିକାନ୍ଥ ଭିତରେ ଦିନ କାଟିଥିଲେ ହେଁ କେବେ ଦେଶପ୍ରେମ କବିତା ରଚନାରେ ବିଚ୍ୟୁତ ହୋଇନଥିଲେ।

୧୯୪୨ ସେପ୍ଟେମ୍ବର ୭ ତାରିଖ। ଇରମର ମେଳଣ ପଡ଼ିଆରେ ବସିଲା ବାନର ସେନାର ବୈଠକ। ମରିବୁ ପଛେ , ଡ଼ରିବୁ ନାହିଁ ଏହାକୁ ଶପଥ କଲେ ସମସ୍ତେ। ଏହା ସହ ସେଠାରେ ନିଷ୍ପତ୍ତି ନିଆଗଲା ଯେ ଇଂରେଜ ମାନେ ଆସିଲେ ମହିଳା ମାନେ ଘର ଆଗରେ ଆଲୋକର ସୂଚନା ଦେବେ । କମଳା ପ୍ରସାଦ କର ସେତେବେଳେ ଇରମର ବାନରସେନାର ମୁଖ୍ୟ ଦାୟିତ୍ୱ ନେଉଥିଲେ। ପ୍ରଥମ ଥର ପାଇଁ ୧୯୪୧ ଜାନୁଆରି ୮ରେ ବାସୁଦେବପୁରରେ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୦ ଏପ୍ରିଲ ୧୯୪୨ ରେ ଚୂଡ଼ାମଣିରୁ ଗିରଫ ହୋଇଥିଲେ। ଜେଲରୁ ଫେରିବା ପରେ ବାସୁଦେବପୁରରେ କିପରି ଆନ୍ଦୋଳନ କରିବେ ସେଥିପାଇଁ ଯୋଜନା ପ୍ରସ୍ତୁତ କଲେ। କମଳା ପ୍ରସାଦ କର ଓ ତାଙ୍କ ଅନୁଗାମୀ ଗୌରାଂଗ ଚରଣ ମହାନ୍ତି , ଅନିରୁଦ୍ଧ ମହାନ୍ତି , ପ୍ରଭାକର ପାଢ଼ୀ ପ୍ରମୁଖ ଗୁଡ଼ , ସୁଆଁ ,ବାସୁଦେବପୁର ଆଦି ଜାଗାରେ କର୍ମୀ ସମ୍ମୀଳନୀ ଡ଼ାକି ଲୋକଙ୍କୁ ପ୍ରବର୍ତ୍ତାଉଥିଲେ। ଏହି ସମୟରେ ସଢ଼େଇପଦାର ଅର୍ଜ୍ଜୁନ ବିଶ୍ୱାଳ ନିଜ ଘରେ କଂଗ୍ରେସ ଅଫିସ୍ କରିବା ପାଇଁ ଆମନ୍ତ୍ରଣ କଲେ। ଯାହା ଫଳରେ ୧୯୪୨ ଅଗଷ୍ଟ ୨୭ରେ ବିପ୍ଳବ ଏକ ନୂଆ ମୋଡ଼ ନେଲା। ଏହୀ ସମୟରେ ଏକ ବଡ଼ ଧରଣର ଆରମ୍ଭ ଥିଲା ସମାନ୍ତରାଳ ସରକାର। ୧୯୪୨ ସେପ୍ଟେମ୍ବର ୧୭ରେ ଗୌରାଂଗ ଚରଣ ମହାନ୍ତିଙ୍କ ଅଧୀନରେ ୨୦୦୦ ଲୋକଙ୍କୁ ନେଇ ଏକ ବୈଠକ ଡ଼କା ଯାଇଥିଲା ଯେଉଁଠାରେ ଏହା କରିବାକୁ ନିଷ୍ପତ୍ତି ନିଆଗଲା। ସେଇ ନଦୀଘେରା ଅଂଚଳକୁ ବାଂଛାନିଧି ଚକଲା ବୋଲି ନାମିତ କରାଗଲା। ଏହା ୨୬ଟି ଗ୍ରାମପଂଚାୟତକୁ ନେଇ ଗଠିତ ହୋଇଥିଲା। ୧୯୪୨ ସେପ୍ଟେମ୍ବର ୨୮। କମଳା ପ୍ରସାଦ କରଙ୍କ ନେତୃତ୍ୱରେ ୫୦୦୦ରୁ ଅଧିକ ଲୋକ ମେଳଣ ପଡ଼ିଆରେ ରୁଣ୍ଡହେଲେ। ପରନ୍ତୁ ଏହି ଜନ ସମାବେଶକୁ ପଣ୍ଡୁ କରିବାକୁ ବ୍ରିଟିଶ ସରକାର ଆରମ୍ଭ କଲେ ଆଖିବୁଜା ଗୁଳିଚାଳନା। ଆଖି ପିଛୁଳାକେ ଟଳି ପଡ଼ିଲେ ୨୯ ଜଣ ବୀର ସଂଗ୍ରାମୀ। ଯାହା ମଧ୍ୟରୁ ଜଣେ ଥିଲେ ମହିଳା ପରିବେଷ୍ଠା। ଦେଖୁଦେଖୁ ରକ୍ତ ରଂଜିତ ହୋଇଗଲା ଇରମର ମାଟି। ୩୦୪ ରାଉଣ୍ଡ ଗୁଳିଚାଳନାରେ ନିସ୍ତବ୍ଧ ହୋଇଗଲା ସାରା ଭାରତ। ସତରେ ମୁଁ ନିଜକୁ ଗୌରାବାନ୍ୱିତ ମନେ କରେ ମୁଁ ବି ଏ ମାଟିରେ ବଢ଼ିଛି , ଏଇ ପରିବେଷ୍ଠାର ଅଂଚଳରେ ଜନ୍ମ ନେଇଛି। ସଲାମ ସେ ମାଟିକୁ ....ଶତଶତ ପ୍ରଣାମ ଇରମର ଜନନାୟକ ମାନଙ୍କୁ ...।

*ବାସୁଦେବପୁର , ଭଦ୍ରକ*
*ମୋ- ୯୪୩୮୪୬୭୦୭୯*

# ବନ୍ୟାଂଚଳର ପ୍ରତି ବ୍ଲକ୍ ରେ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ସମ୍ଭାବିତ ବନ୍ୟା ପ୍ରଭାବିତ ପ୍ରାଣୀସଂପଦର ତୁରନ୍ତ ଚିକିତ୍ସା ନିମନ୍ତେ ବନ୍ୟାଂଚଳର ପ୍ରତ୍ୟେକ ବ୍ଲକ୍ ରେ ଗୋଟିଏ ଲେଖାଏଁ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ପ୍ରସ୍ତୁତ ରଖିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ଟିମ୍ ରେ ଗୋଟିଏ ଗାଡି ସହ ଜଣେ ପ୍ରାଣୀଚିକିତ୍ସକ, ଜଣେ ପ୍ରାଣୀଧନ ନିରୀକ୍ଷକ ଓ ଜଣେ ସହାୟକ ରହିବେ । ସିଡ଼ିଭିଓମାନେ ଆବଶ୍ୟକ ଟୀକା ଓ ଜରୁରୀ ଔଷଧ ପ୍ରାଣୀ ଚିକିତ୍ସାଳୟ, ଭେଟେରିନାରୀ ଡିସ୍‌ପେନ୍‌ସାରୀ ଓ ଲାଇଭଷ୍ଟକ୍ କେନ୍ଦ୍ରମାନଙ୍କରେ ଆଗୁଆ ପଠାଇବା ପାଇଁ କୁହାଯାଇଛି। ଏଥି ସହିତ ପର୍ଯ୍ୟାପ୍ତ ପରିମାଣର ଜୁରୁରୀ ଔଷଧ ଗଚ୍ଛିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ସମୟରେ ସମସ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ ସଦର ମହକୁମାରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଂଚଳରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଖାଦ୍ୟ ଯୋଗାଣ ନିମନ୍ତେ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରିବା ପାଇଁ କୁହାଯାଇଛି ।ସିଡିଭିଓ ସ୍ତରରେ କଂଟ୍ରୋଲରୁମ୍ ଖୋଲାଯାଇ କଟକସ୍ଥିତ ନିର୍ଦ୍ଦେଶାଳୟର କଂଟ୍ରୋଲ ରୁମ୍ କୁ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ନିୟମିତ ତଥ୍ୟ ପ୍ରେରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ, କଟକ ଠାରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ (ଫୋନ୍ ? ନଂ-୦୬୭୧-୨୪୧୪୩୧୦, ୭୨୦୫୫୯୮୧୨୫) ଖୋଲାଯାଇଛି । ଆବଶ୍ୟକ ଔଷଧ ଓ ଭ୍ୟାକ୍‌ସିନ୍ ର ଯୋଗାଣକୁ ନିରୀକ୍ଷଣ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏଥି ସହିତ ବନ୍ୟା ସମୟରେ ପ୍ରାଣୀମାନଙ୍କ ମଧ୍ୟରେ କୌଣସି ପ୍ରକାର ରୋଗ ଦେଖାଯିବା କିମ୍ବା ବ୍ୟାପିବାକୁ ପ୍ରତିହତ କରିବା ପାଇଁ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି ।ସେହିପରି ମତ୍ସ୍ୟସଂପଦର ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମତ୍ସ୍ୟଚାଷୀମାନେ ଜଳାଶୟର ବନ୍ଧକୁ ମଜବୁତ୍ ରଖିବା ପାଇଁ ପରାମର୍ଶ ଦିଆଯାଇଛି, ଯେପରି ମାଛ, ଚିଙ୍ଗୁଡ଼ି କିମ୍ବା ଜାଆଁଳ ଭାସି ନଯାଆନ୍ତି । ଆବଶ୍ୟକ ସ୍ଥଳେ ଜଳାଶୟର ଜଳସ୍ତରକୁ କମ୍ ରଖିବା ପାଇଁ କୁହାଯାଇଛି । ଚିଙ୍ଗୁଡ଼ି ଚାଷରେ ନିୟୋଜିତ ଶ୍ରମିକମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି। ଆବଶ୍ୟକ ହେଲେ ଜିଲ୍ଲା ପ୍ରଶାସନର ସହାୟତାରେ ସମ୍ବେଦନଶୀଳ ଅଂଚଳଗୁଡ଼ିକରୁ ମତ୍ସ୍ୟଜୀବୀ ଓ ଶ୍ରମିକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ଖୋଲାଯାଇ ବନ୍ୟାର ସ୍ଥିତି ଓ ନିଆଯାଇଥିବା ପଦକ୍ଷେପ ସଂପର୍କରେ ନିୟମିତ ମତ୍ସ୍ୟ ନିର୍ଦ୍ଦେଶାଳୟକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ସ୍ୱାଧୀନତା ଦିବସରେ ଗାନ୍ଧୀଙ୍କ ଉପରେ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ

ଭୁବନେଶ୍ୱର, (ପି.ଏନ): ୭୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ମିଳିତ ସହଯୋଗରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଓଡ଼ିଶା, ମୁକ୍ତି ଆନ୍ଦୋଳନରେ ଓଡ଼ିଶାର ଭୂମିକା ଓ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହା ଆସନ୍ତା ୧୯ ତାରିଖ ଯାଏଁ ଚାଲିବ ଏବଂ ପ୍ରତ୍ୟହ ସକାଳ ୧୧ ଘଟିକାଠାରୁ ସନ୍ଧ୍ୟା ୮ ଘଟିକା ଯାଏଁ ଏହା ଖୋଲାରହିବ ।ଏହି ପ୍ରଦର୍ଶନୀରେ ସ୍ୱାଧୀନତା ସଂଗ୍ରାମର ଅନେକ ବିରଳ ଫଟୋଚିତ୍ର ସହ ଉତ୍କଳ ଗାନ୍ଧୀ ସ୍ମାରକ ନିଧିଠାରୁ ଅଣାଯାଇଥିବା ଗାନ୍ଧିଜୀଙ୍କ ସହ ଜଡ଼ିତ ତାଙ୍କ ବ୍ୟବହୃତ କିଛି ସାମଗ୍ରୀ, ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିବା ଓଡ଼ିଆ ବରପୁତ୍ରମାନଙ୍କ ଫଟୋଚିତ୍ର ଏବଂ ଗାନ୍ଧିଜୀ ଓ ଓଡ଼ିଶା ଉପରେ କେତେକ ବିରଳ ଫଟୋଚିତ୍ର ସହ ଗାନ୍ଧୀଙ୍କ ଓଡ଼ିଶା ଆଗମନର ତଥ୍ୟାବଳୀ ଓ ଭାରତ ସମ୍ବିଧାନର ମୂଳକପି ପ୍ରଦର୍ଶନ କରାଯାଇଛି ।

# ନୂଆ ପାଠ୍ୟକ୍ରମ ପ୍ରସ୍ତୁତ ପାଇଁ ସର୍ଭେରେ ଅଂଶଗ୍ରହଣ କରିବାକୁ ଅପିଲ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬ ଅଗଷ୍ଟ - ଜାତୀୟ ଶିକ୍ଷା ନୀତି - ୨୦୨୦ (ଏନଇପି) ଅଧୀନରେ ଏକ ନୂଆ ପାଠ୍ୟକ୍ରମ ବିକଶିତ କରିବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ(ଏନସିଏଫ) ତଥା ଜାତୀୟ ପାଠ୍ୟକ୍ରମ ରୂପରେଖ ପାଇଁ ଆରମ୍ଭ ହୋଇଥିବା ଜନସର୍ଭେରେ ଅଂଶ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଜାତୀୟ ଶିକ୍ଷା ନୀତିର ମାର୍ଗଦର୍ଶିକା ଅନୁସାରେ ଏକ ଗତିଶୀଳ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଏଥିପାଇଁ ଏକ ଗତିଶୀଳ, ସମାବେଶୀ ଓ ଭବିଷ୍ୟତବାଦୀ ଜାତୀୟ ପାଠ୍ୟକ୍ରମ ରୂପରେଖ ବିକଶିତ କରିବା ଆବଶ୍ୟକ । ଯାହା ଦ୍ୱାରା ଆଗାମୀ ପିଢ଼ିଙ୍କ ମଧ୍ୟରେ ସାଂସ୍କୃତିକ ସୁଦୃଢ଼ତାକୁ ଏକତ୍ରିତ କରିବା ସହ ବୈଶ୍ୱିକ କଳ୍ପନା ତିଆରି କରିହେବ ଏବଂ ଶିକ୍ଷାକୁ ଉପନିବେଶୀକରଣ ମୁକ୍ତ କରି ଯୁବପିଢ଼ିଙ୍କ ମଧ୍ୟରେ ଗୌରବର ଭାବନା ଉଜ୍ଜୀବିତ କରି ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ପାଠ୍ୟକ୍ରମ ରୂପରେଖ ଗଠନ ଏବଂ ପରବର୍ତ୍ତୀ ସମୟରେ ସିଲା ବସ୍, ପାଠ୍ୟ ପୁସ୍ତକ ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ପାଇଁ ଅନଲାଇନ ମାଧ୍ୟମରେ ଜନସାଧାରଣଙ୍କ ପରାମର୍ଶ ଲୋଡ଼ାଯାଇଛି। ଜାତୀୟ ଏବଂ ରାଜ୍ୟ ସ୍ତରରେ ନ୍ୟାସନାଲ ଫୋକୋସ ଗ୍ରୁପ, ନ୍ୟାସନାଲ ଷ୍ଟିୟରିଂ କମିଟି, ଷ୍ଟେଟ୍ ଫୋକୋସ ଗ୍ରୁପ ଏବଂ ଷ୍ଟେଟ୍ ଷ୍ଟିୟରିଂ କମିଟି ଗଠନ କରାଯାଇଛି। ଯାହା ମାଧ୍ୟମରେ ଷ୍ଟେକ୍ ହୋଲଡରଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଲୋଡ଼ାଯିବ।

ଶିକ୍ଷକ, ସ୍କୁଲର ପ୍ରଧାନ ଶିକ୍ଷକ କିମ୍ବା ପ୍ରିନ୍ସିପାଲ, ଶିକ୍ଷାବିତ, ଅଭିଭାବକ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, ବିଶେଷଜ୍ଞ, ଜନପ୍ରତିନିଧି, କଳାକାର, ଚାଷୀ ତଥା ସ୍କୁଲ ଓ ଶିକ୍ଷକଙ୍କ ଶିକ୍ଷାରେ ଆଗ୍ରହ ରଖୁଥିବା ବ୍ୟକ୍ତିବିଶେଷ ମାନେ ଓଡ଼ିଆ ସମେତ ୨୩ଟି ଭାଷାରେ ହେଉଥିବା ଅନଲାଇନ ସର୍ଭେ ଦ୍ୱାରା ଅଂଶଗ୍ରହଣ କରି ନିଜ ମତାମତ ଦେଇପାରିବେ। ଅନଲାଇନ ସାଇଟ୍ https://ncfsurvey. ncert. gov. in କୁ ଯାଇ ଲୋକମାନେ ନିଜର ମତାମତ ଦେଇପାରିବେ। ଶିଶୁଙ୍କ ସାମଗ୍ରିକ ବିକାଶ କରିବା ସହ ଦକ୍ଷତା ଉପରେ ଗୁରୁତ୍ୱ ଦେବା ଏବଂ ଶିକ୍ଷକଙ୍କ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା, ମାତୃଭାଷାରେ ଶିକ୍ଷାଲାଭ ଏବଂ ସଂସ୍କୃତିର ମୂଳଦୁଆ ଉପରେ ଗୁରୁତ୍ୱ ଦେବା ନେଇ ଜାତୀୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରାଯାଇଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ

PARYABEKHYAK



Bhubaneswar Wednesday August 17, 2022 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୧୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## କିଟ ବିଶ୍ୱବିଦ୍ୟାଳୟ ଦ୍ୱାରା ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଉପଲବ୍ଧ ହେବ ଇ-ଲାଇବ୍ରେରୀ ସୁବିଧା

ବାରିପଦା,(ପି.ଏନ): ବାରିପଦା ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ଏବଂ କିଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସସ୍ମିତା ସାମନ୍ତଙ୍କ ମଧ୍ୟରେ ଚଳିତ ଅଗଷ୍ଟ ମାସ ୧୨ ତାରିଖ କିଟ୍ ବିଶ୍ୱବିଦ୍ୟାଳୟଠାରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ମୁତାବକ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରଛାତ୍ରୀ, ଅଧାପକ, ଅଧାପିକାମାନେ ଇ-ଲାଇବ୍ରେରୀର ସମସ୍ତ ସୁବିଧା ପାଇ ପାରିବେ। ଏହା ଦ୍ୱାରା ୫,୦୦୦ରୁ ଉର୍ଦ୍ଧ ଜୋର୍ନାଲ ଏବଂ ଲକ୍ଷ ଲକ୍ଷ ଇ-ବୁକ୍ସ ପଢିବାର ସୁବିଧା ପାଇବେ। ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରଛାତ୍ରୀ ଓ ଅଧାପକ କିଟ୍ ବିଶ୍ୱବିଦ୍ୟାଳୟର ଲାବୋରେଟୋରୀକୁ ରିସର୍ଚ୍ଚ କରିବା ନିମନ୍ତେ ମଧ୍ୟ ବ୍ୟବହାର କରିପାରିବେ। ଛାତ୍ରଛାତ୍ରୀମାନେ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ଜ୍ଞାନ ମଧ୍ୟ ବଢାଇ ପାରିବେ। ବାରିପଦାରେ ଇ-ଲାଇବ୍ରେରୀର ସୁବିଧା ଯୋଗାଇ ଦେଇଥିବାରୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସସ୍ମିତା ସାମନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଜ୍ୱାଇଁ ଆକ୍ରମଣରେ ଶଶୁର ମୃତ ଶାଳୀ, ଶାଶୁ ଓ ପତ୍ନୀ ଗୁରୁତର

ବାଲେଶ୍ୱର ,(ପି.ଏନ): ଶଶୁର ଘରକୁ ସ୍ତ୍ରୀ ନ ଫେରିବାରୁ ଉତ୍ୟକ୍ତ ହୋଇ ଜ୍ୱାଇଁ ହତ୍ୟା କରିଛି ଶଶୁରକୁ ଏବଂ ଜ୍ୱାଇଁ ଆକ୍ରମଣରେ ଶାଳୀ, ଶାଶୁ ଓ ପତ୍ନୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଯୋଗ୍ୟ ଯେ ବସ୍ତା ଥାନା ଅନ୍ତର୍ଗତ କୁସୁଡ଼ା ଗାଁରେ ଜ୍ୱାଇଁ ଜଗା ମହୁରୀ ନିଜର ସ୍ତ୍ରୀ ଶଶୁର ଘରକୁ ନ ଫେରିବାରୁ ଜ୍ୱାଇଁ ଶଶୁର ଘରେ ପହଞ୍ଚି ଏପରି ଆକ୍ରମଣ କରିଛି। ରାକ୍ଷୀ ପୂର୍ଣ୍ଣିମା ଦିନ ରାକ୍ଷୀ ବାନ୍ଧିବାକୁ ଜଗାର ସ୍ତ୍ରୀ ବାପ ଘରକୁ ଆସିଥିଲା ଏବଂ ସେ ରବିବାର ଦିନ ଘରକୁ ଫେରିବ ବୋଲି କହିଥିଲା। ମାତ୍ର ସେ ରବିବାର ଦିନ ନ ଫେରିବାରୁ ଉତ୍ୟକ୍ତ ହୋଇ ଜଗା ତାର ଶଶୁର ଘରକୁ ଆସି ଗଣ୍ଡଗୋଳ କରିଥିଲା। ସାମାନ୍ୟ ବଚସାରୁ ସେ ଶଶୁର, ସ୍ତ୍ରୀ, ଶାଶୁ ଓ ଶାଳୀକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ଶଶୁର ସୁଶାନ୍ତ ମହୁରୀର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ଥିବା ଜଣା ପଡ଼ିଛି।

## ଓଡିଶାର ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅଟ୍ରୀ ଉଷ୍ଣ ପ୍ରସ୍ରବଣ ଭିତରେ ପଶିଲା ବନ୍ୟା ଜଳ



ଖୋର୍ଦ୍ଧା,(ପିଏନ):ଏସିଆ ମହାଦେଶରେ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ନିକଟସ୍ଥ ଅଟ୍ରୀ ଉଷ୍ଣ ପ୍ରସ୍ରବଣ ଅନ୍ୟତମ । ଏଠାକୁ ଦେଶ ଓ ବିଦେଶରୁ ପ୍ରତ୍ୟହ ପର୍ଯ୍ୟଟକ ମାନେ ଆସି ଗନ୍ଧକ ମିଶ୍ରିତ ତପ୍ତ ପାଣିରେ ଗାଧୋଇ ମଜା ନେଇଥାନ୍ତି। ଲଘୁଚାପ ଜନିତ ବର୍ଷା ଯୋଗୁଁ ହିରାକୁଦ ଜଳସ୍ତର ବୃଦ୍ଧି ପାଇବାର ପ୍ରଶାସନ ପକ୍ଷରୁ ୨୮ ଗୋଟି ଗଟ ଖୋଲା ଯାଇଛି । ଯାହା ଫଳରେ ତଳିଆ ଅଂଚଳରେ ମହାନଦୀର ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ଅଟ୍ରିସ୍ଥିତ ଉଷ୍ଣ ପ୍ରସ୍ରବଣ ପରିସରରେ ୩ ଫୁଟ ପାଣି ପଶିଥିବାରୁ ପର୍ଯ୍ୟଟକ ମାନଙ୍କୁ ଏହା ଭିତରେ ପ୍ରବେଶ କରିବାକୁ ବନ୍ଦ କରାଯାଇଛି। ଏପରିକି ଭୋଗଡା ଓ ତୁଳସିପୁର,ଅଟ୍ରି-କରଡଗାଡିଆ ରାସ୍ତା ଉପରେ ବନ୍ୟା ପାଣି ରହିଥିବାରୁ ମଧ୍ୟରେ ଯାତାୟତରେ ବାଧାପ୍ରାପ୍ତ ହୋଇଛି ।ବାଘମାରୀ ଗ୍ରାମର ତଳିଆ ଆଦିବାସୀ ସାହି ମଧ୍ୟରେ ବନ୍ୟା ଜଳ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।ଅନ୍ୟ ପକ୍ଷରେ ମହାନଦୀର ବନ୍ୟାଜଳ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଯାତାୟତ କରୁଥିବା ଯାତ୍ରୀ ମାନେ ଅଟକି ମୋବାଇଲ ଯୋଗେ ସେଲଫି ନେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

## ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ଅଧାପନ୍ତରିଆ; ହମ୍ପରେ ପଡ଼ି ଅନେକ ଆହତ

ଫୁଲନଖରା, (ପି.ଏନ): କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିନରେ ପରିଚାଳିତ ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଫୁଲନଖରା-ନିଆଳି ରାଜ୍ୟ ରାଜପଥର ତ୍ରିନାଥବଜାରଠାରୁ ବାହାରିଥିବା ଏହି ରାସ୍ତାର ମହୀଧରପଡ଼ା ମେଡ଼ିକାଲ ଛକରେ ଥିବା ବେଆଇନ ହମ୍ପକୁ ନେଇ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ତ୍ରୁଟିପୂର୍ଣ୍ଣ ହମ୍ପ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ହେଉଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଲୋକଙ୍କ ସମେତ ଯାତ୍ରୀ ଏବଂ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଉକ୍ତ ବିପଦପୂର୍ଣ୍ଣ ହମ୍ପ ଉଚ୍ଛେଦ କରି ସେଠାରେ ନିୟମାନୁମୋଦିତ ପ୍ଲାଷ୍ଟିକ ଅଥବା ଫାଇବର ହମ୍ପ ନିର୍ମାଣ କରିବାକୁ ଦାବି ହେଉଛି। ଅପରପକ୍ଷରେ ମେଡ଼ିକାଲ ଛକ ନିକଟ ରାସ୍ତାର ବାମ ପାର୍ଶ୍ୱ ପୋଖରୀଠାରେ ଗାର୍ଡ଼ୱାଲ ହୋଇନଥିବା ଦେଖିବାକୁ ମିଳିଛି; ସେହିପରି ମହୀଧରପଡ଼ା ହାଇସ୍କୁଲ ରଙ୍ଗଣିସାହି ଦକ୍ଷିଣପାର୍ଶ୍ୱରେ ମଧ୍ୟ ଗାର୍ଡ଼ୱାଲ ନାହିଁ।

## ଜିଲ୍ଲା ସ୍ତରୀୟ ୭୬ ତମ ସ୍ୱାଧିନତା ଦିବସ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ୭୬ ତମ ସ୍ୱାଧିନତା ଦିବସ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ପରିସରରେ ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଏ ନେଇ କାର୍ଯ୍ୟକ୍ରମରେ ରାଜ୍ୟ ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ,କ୍ରୀଡା ଓ ଯୁବସେବା ,ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବା ସହ ଜିଲ୍ଲା ବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ଗୃହ ମନ୍ତ୍ରୀ ଶ୍ରୀ ବେହେରା ଖୋର୍ଦ୍ଧା ଜିଲ୍ଲାବାସୀ,ପ୍ରଶାସନିକ ପଦାଧିକାରୀ,କରୋନା ଯୋଦ୍ଧା,ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଜାତିର ଜନକ ମହାତ୍ମା ଗାନ୍ଧୀ,ପଣ୍ଡିତ ନେହୁରୁ,ନେତାଜୀ ସୁଭାଷ ଚନ୍ଦ୍ର ବୋଷ,ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ,ମୌଲାନା ଆଜାଦ,ଡଃ ଆମ୍ବେଦକର,ଲାଲା ଲଜପତ ରାୟ,ଗଙ୍ଗାଧର ତିଲକ,ବିପିନ ଚନ୍ଦ୍ର ପାଲ,ସରୋଜିନୀ ନାଇଡୁ,ଡଃ ରାଜେନ୍ଦ୍ର ପ୍ରସାଦଭଗତ ସିଂ,ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳ ମଣି ଗୋପବନ୍ଧୁ ଦାସ,ଗୋପବନ୍ଧୁ ଚୌଧୁରୀ,ବିର୍ସା ମୁଣ୍ଡା,ସହିଦ ଲକ୍ଷ୍ମଣ ନାୟକ,ମା ରମାଦେବୀ ,ରଘୁ ଦିବାକର,ମାଳତୀ ଚୌଧୁରୀ,ବାଜି ରାଉତ,ଡଃ ହରେକୃଷ୍ଣ ମହାତାବ ବିଜୁ ପଟ୍ଟନାୟକ ପରି ମହାନ ସଂଗ୍ରାମୀ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।ଏହି ମହାନ ଜାତୀୟତା ବାଦୀ ଦେଶପ୍ରେମୀ ଓ ସଂଗ୍ରାମୀ ମାନଙ୍କ ଅବିରତ ସଂଗ୍ରାମ,ତ୍ୟାଗ ଓ ବଳିଦାନ ଯୋଗୁଁ ସ୍ୱାଧିନତା ପ୍ରାପ୍ତ ହୋଇଛି ।ଖୋର୍ଦ୍ଧା ହେଉଛି ବୀର ଜାତିର ମାଟି ।ବହୁ ମୁକ୍ତି ସଂଗ୍ରାମୀଙ୍କ ଜନ୍ମପୀଠ ଓ କର୍ମପୀଠ ଭାବରେ ଅଲିଭା ସ୍ୱାକ୍ଷର ବହନ କରିଛି ।ଏହି ମାଟି କଳା,ସାହିତ୍ୟ,ସଂସ୍କୃତିର ପ୍ରବାହ ମାନଙ୍କୁ ସୃଷ୍ଟି କରି ଏକ ଜାଗରଣଆଣିବାରେ ମୁଖ୍ୟ ଭୂମିକା ତୁଲାଇଛି । ଇଂରେଜ ମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଏହି ମାଟିରୁ ଆରମ୍ଭ ହୋଇଥିଲା ।ଏହି ମାଟିର ବରପୁତ୍ର ମୁକୁନ୍ଦ ଦେବ,ବକ୍ସି ଜଗବନ୍ଧୁ,ଜୟୀ ରାଜଗୁରୁ,ପିଣ୍ଡିକି ବାହୁ ବଳେନ୍ଦ୍ର,କୃତିବାସ ପାଟଶାଣୀ ଓ ମାଧବ ଚନ୍ଦ୍ର ରାଉତରାୟଙ୍କ ତ୍ୟାଗ ଓ ବଳିଦାନକୁ ଏ ଜାତି କେବେ ଭୂଲି ପାରିବ ନାହିଁ ।ଗୋଦାବରୀଶ ମିଶ୍ରଗୋଦାବରୀଶ ମହାପାତ୍ର,ସଚ୍ଚି ରାଉତରାୟ,ପର୍ଶୁରାମ ପଟ୍ଟନାୟକ,ମାୟାଧର ମାନସିଂହ ଓ କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ପରି ଅନେକ ଯଶସ୍ୱୀ ମାନଙ୍କୁ ଏ ମାଟି ଜନ୍ମ ଦେଇଛି ।ଭାରତର ସ୍ୱାଧିନତା ଓ ରାଷ୍ଟ୍ର ଗଠନରେ ଏହି ମହାପୁରୁଷଙ୍କ ଅମୂଲ୍ୟ ଅବଦାନ ଆଜି ଉତରପିଢୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ।ଚଳିତ ବର୍ଷ ସାରା ଦେଶ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦ କି ଅମୃତ ମହୋତ୍ସବ ପାଳନ ଅବସରରେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।ସ୍ୱାଧିନତା ପରେ ରାଜ୍ୟର ପ୍ରଗତି ଦ୍ରୁତ ପଥରେ ଆଗେଇ ଚାଲିଛି ।ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକରାଜ୍ୟ ବାସୀଙ୍କ ଲାଗି ଅନେକ କଲ୍ୟାଣ କାରୀ ଯୋଜନା ମାନ କାର୍ଯ୍ୟ କରିଛନ୍ତି । ଗ୍ରାମୀଣ ବିକାଶ,କୃଷିର ଉନ୍ନତି,ଶିଳ୍ପର ବିକାଶ,ଶିକ୍ଷାର ଉନ୍ନତି,ସହରାଚଂଳ ଉନ୍ନତି,ଅର୍ଥନୈତିକ ଅଭିବୃଦ୍ଧି, କ୍ରୀଡା,ସୂଚନା ପ୍ରଯୁକ୍ତି,ସ୍ୱାସ୍ଥ୍ୟ ସେବା,ଓ ମହିଳା ସଶକ୍ତିକରଣ ଲାଗି ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି । ଗୁଣାତ୍ମକ ଶିକ୍ଷା ନିମନ୍ତେ ରାଜ୍ୟର ପ୍ରତି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗଠନ,ସର୍ବକାଳୀନ ରେକର୍ଡ ସଂଖ୍ୟକ ୧୩୦୩୯ ମେଟ୍ରିକ ଟନ ଖାଦ୍ୟଶସ୍ୟ ଉତ୍ପାଦନ,ମିଶନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ଆର୍ଥିକ ଓ ସାମାଜିକ ବିକାଶ,ମମତା ଯୋଜନାରେ ପ୍ରସୂତି ମା ମାନଙ୍କୁ ୫ ହଜାର ଟଙ୍କା ସହାୟତା ରାଶି,ସହରାଚଂଳ ବସ୍ତି ବାସିନ୍ଦାଙ୍କ ନିମନ୍ତେ ଯାଗା ମିଶନ, ଅନୁସୂଚିତ ଜାତି ଓ ଜନଜାତି ମେଧାବୀ ବିଦ୍ୟାର୍ଥୀଙ୍କ ନିମନ୍ତେ ଅନ୍ୱେଷା ଯୋଜନା, ଓ ଅତିରିକ୍ତ ୧୧୫୬୭ ହେକ୍ଟର ପରିମିତ ଚାଷ ଜମିକୁ ଜଳସେଚନ ସୁବିଧା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।ସେହିଭଳି ପୁଞ୍ଜି ବିନିଯୋଗ ଓ ଶିଳ୍ପ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବାକୁ ଆସନ୍ତା ନଭେମ୍ବର ମାସ ୩୦ ତାରିଖରେ ମେକ ଇନ ଓଡିଶା ଆରମ୍ଭ ହୋଇଛି । ଗରିବ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ପ୍ରଦାନ,ଖୋର୍ଦ୍ଧା ଜିଲ୍ଲା ତଥା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଫିଫା ମାନର ଫୁଟବଲ ପଡିଆ ସହ ୧୨ ହଜାର ଦର୍ଶକ ବସିବା ଭଳି ବ୍ୟବସ୍ଥା,ଇଣ୍ଡୋର ଆଥଲେଟିକ୍ସ,ହାଇ ପରଫର୍ମାନ୍ସ ସେଂଟର,ଆକ୍ୱାଟିକ ସେଂଟର,ବ୍ୟାଡମିଂଟନ ଉତ୍କର୍ଷ କେନ୍ଦ୍ର,ଟେନିସ ସେଂଟର,ସ୍ପୋର୍ଟସ କ୍ଲାଇମ୍ବିଙ୍ଗ ୱାଲ,ସୁଇମିଂ ପୁଲ,ସୁଟିଂ ରେଞ୍ଜ, ଓ ଜିମ୍ନାଷ୍ଟିକ କେନ୍ଦ୍ର ସ୍ଥାପନ ରାଜ୍ୟର କ୍ରୀଡା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି ।ବିଭିନ୍ନ ଜିଲ୍ଲାରେ ୮୯ ଟି ବହୁମୁଖି ଇଣ୍ଡୋର ହଲ,ପ୍ରତି ଜିଲ୍ଲା ଓ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ସହ ତୃଣ ମୂଳ ସ୍ତରରେ ବିଭିନ୍ନ ପ୍ରତିଭା ସୃଷ୍ଟି କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି ।ଆସନ୍ତା ବର୍ଷ ରାଉରକେଲା ଓ ଭୁବନେଶ୍ୱର ହକି ବିଶ୍ୱ କପ ଆୟୋଜନ କରାଯାଉଛି ।ଏଥି ନିମନ୍ତେ ରାଉରକେଲା ଠାରେ ସର୍ବ ବୃହତ ହକି ଷ୍ଟାଡିୟମ ଶେଷ ପର୍ଯ୍ୟାୟରେ ପହଂଚିଛି ବୋଲି ମୁଖ୍ୟ ଅତିଥି ଉଲ୍ଲେଖ କରିଛନ୍ତି । ସେ ଆହୁରି କହିଥିଲେ ଯେ ଆଭ୍ୟନ୍ତରୀଣ ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଉଗ୍ରପନ୍ଥୀ କାର୍ଯ୍ୟକଳାପକୁ ପ୍ରତିହତ କରାଯାଇଛି । ଗତ ୧୦ ବର୍ଷ ମଧ୍ୟରେ ୪୩୧ ଜଣ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ୨୨୪ ଜଣଙ୍କୁ ୬ କୋଟି ୭୩ ଲକ୍ଷ ବ୍ୟୟରେ ଥଇଥାନ କରାଯାଇଛି ।ସେହିଭଳି ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଅପରାଧକୁ ରୋକିବା ,ସାଇବର ଥାନା ପ୍ରତିଷ୍ଠା,ଅପହଂଚ ଇଲାକାରେ ମୋବାଇଲ ନେଟୱାର୍କ ସେବା ପ୍ରଦାନ,ଅନଲାଇନ ଶିକ୍ଷା ବ୍ୟବସ୍ଥା,ସ୍ମାର୍ଟ କ୍ଲାସରୁମ,ଥାନା ଗୁଡିକରେ ସିସିଟିଭି ସର୍ଭେଲାନ୍ସ ଓ ଜନସାଧାଧାରଣଙ୍କୁ ଇ ସେବା ଯୋଗାଇ ଦେବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଅନ୍ୟ ପକ୍ଷରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକରେ ୧୦ କୋଟି ଟଙ୍କା ବ୍ୟୟରେ ଆଦର୍ଶ ବିଦ୍ୟାଳୟ,୨୦୫ କୋଟି ବ୍ୟୟରେ ଟାଙ୍ଗୀ,ଚିଲିକା ଓ ବାଣପୁର ଅଂଚଳରେ ଦୁଇଟି ବୃହତ ପାନୀୟ ଜଳ ଜଳପ୍ରକଳ୍ପ, ବାଲୁଗାଁ, ବାଣପୁର, ଜଟଣୀ ଓ ଖୋର୍ଦ୍ଧା ପୌରସଂସ୍ଥା ଅଧିନରେ ୩୧ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ୪ଟି ଇନଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଜାରି ରହିଛି ।ଏହି ଅବସରରେ ମହାନ ସଂଗ୍ରାମୀ ନେତୃବୃନ୍ଦ ସମ୍ବିଧାନ ପ୍ରଣେତା ମାନଙ୍କ ଅବଦାନ,ତ୍ୟାଗ ଓ ବଳିଦାନକୁ ମନେ ପକାଇ ସମୃଦ୍ଧ କରିବା ଓଡିଶା ଓ ଭାରତବର୍ଷ ଗଠନରେ ସଂଙ୍କଳ୍ପ ବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ କରୋନା ଯୋଦ୍ଧା ଭାବେ ଡାକ୍ତର,ନର୍ସ,ଫାର୍ମାସିଷ୍ଟ,ଅଗ୍ନିଶମ ଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର,ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତି,ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ,ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ,ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ,ଉପଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାଲ,ଡିଏଫଓ ପି ପୂର୍ଣ୍ଣିମା,ଖୋର୍ଦ୍ଧା ପୌରପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତିଙ୍କ ସମେତ ବିଭିନ୍ନ ପଦାଧିକାରୀ ମାନେ ଯୋଗ ଦେଇଥିଲେ ।ପ୍ୟାରେଡ କାର୍ଯ୍ୟକ୍ରମକୁ ରିଜର୍ଭ ଇନିସପେକ୍ଟର ଶ୍ରୀ ନାଗେଶ ପରିଚାଳନା କରିଥିଲେ ।ଏଥି ସହିତ ମୁଖ୍ୟ ଅତିଥି ଶ୍ରୀ ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବୃକ୍ଷ ରୋପଣ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli,

Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray